Bhubaneswar- 24 may 2026
ଭୁବନେଶ୍ୱର- ୨୪ ମେ' ୨୦୨୬
Vol- 1 Issue - 28
ଭାଗ- ୧ ସଂଖ୍ୟା- ୨୮
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
## THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
«ଯୋଗାଯୋଗ»
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

# ପୁଣି ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

### ପୋଲିସ ବିଭାଗ ଦକ୍ଷତା, ସ୍ୱଚ୍ଛତାର ସହ କାର୍ଯ୍ୟ କରୁ

### ୧୫ ଦିନରେ ତୃତୀୟ ଥର ବସିଲା ବୈଠକ



**ଭୁବନେଶ୍ୱର:** ମାତ୍ର ୧୫ଦିନ ମଧ୍ୟରେ ତୃତୀୟଥର ପାଇଁ ପୁଣିଥରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟରେ ଆଇନଶୃଙ୍ଖଳାର ସ୍ଥିତି ଦିନକୁ ଦିନ ବିଗୁଡ଼ିଥିବା ମଧ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶନିବାର ଛୁଟିଦିନରେ ଖାରବେଳ ଭବନଠାରେ ଆଇନଶୃଙ୍ଖଳା ପରିସ୍ଥିତି ଓ ଶିକ୍ଷାୟନ ପ୍ରସଙ୍ଗରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। ସୂଚନା ଅନୁସାରେ, ଆଜି ଖାରବେଳ ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏକ ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟ ସରକାର ନିଜର ଦୁଇ ବର୍ଷ ପୂରଣ କରିବାକୁ ଯାଉଥିବାରୁ ରାଜ୍ୟବାସୀଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ ଓ ବିଭିନ୍ନ ସରକାରୀ ଯୋଜନାର ସଫଳ କ୍ରିୟାନ୍ୱୟନ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଏହା ସହିତ ରାଜ୍ୟରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ଶିଳ୍ପାୟନ ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ଏବଂ ଆଗାମୀ ଦିନ ପାଇଁ ଭବିଷ୍ୟତ କାର୍ଯ୍ୟପନ୍ଥା କିଭଳି ହେବ, ସେ ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ରାଜ୍ୟର ବିକାଶ ପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ଅତି ଜରୁରୀ। ତେଣୁ ପୁଲିସ ପ୍ରଶାସନ ଅଧିକ ଦକ୍ଷତା, ସ୍ୱଚ୍ଛତା ଓ ସତର୍କତାର ସହିତ କାର୍ଯ୍ୟ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଇଥିବା ବାସ୍ତବବାଦୀ ନିର୍ଦ୍ଦେଶାବଳୀର ଅନୁପାଳନ କେତେଦୂର ହୋଇଛି, ସେ ନେଇ ମଧ୍ୟ ଏହି ବୈଠକରେ ତର୍ଜମା କରାଯାଇଥିଲା । ଏହି ବୈଠକ ପ୍ରାୟ ୨ରୁ ଅଢ଼େଇ ଘଣ୍ଟା ଧରି ଚାଲିଥିବା ଜଣାପଡ଼ିଛି । ଆଜିର ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର, ଗୃହ ସଚିବ ହେମନ୍ତ ଶର୍ମା ଓ ପୁଲିସ ଡିଜି ୱାଇବି ଖୁରାନିଆଙ୍କ ସହ ରାଜ୍ୟର ଆଇନଶୃଙ୍ଖଳା ଓ ଶିଳ୍ପାୟନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟରେ ବିଗତ କିଛିଦିନ ଧରି ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପୁଲିସ ବିଫଳ ହୋଇଥିବାବେଳେ ସରକାରଙ୍କୁ ବେଶ୍ ସମାଲୋଚିତ ହେବାକୁ ପଡ଼ୁଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଚଳିତମାସ ୯ ତାରିଖ ଓ ୧୪ତାରିଖରେ ଦୁଇଥର ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିର ଉଚ୍ଚସ୍ତରୀୟ ସମୀକ୍ଷା କରି ପୁଲିସକୁ କଡ଼ା ଭାଷାରେ ଚେତାବନୀ ଦେଇଥିଲେ। ଆଜି ପୁଣିଥରେ ପୁଲିସ ଡିଜି ଓ ଗୃହ ସଚିବଙ୍କ ସହ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନାକୁ ପ୍ରଶାସନିକ ମହଲରେ ବେଶ୍ ଗୁରୁତ୍ୱ ଦିଆଯାଉଛି ।ରାଜ୍ୟର ବିଜେପି ସରକାର ଆଉ ଦୁଇ ସପ୍ତାହପରେ ନିଜର ଦୁଇବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଥିବାବେଳେ ଆଇନଶୃଙ୍ଖଳା ପରିସ୍ଥିତି ସରକାରଙ୍କ ଚିନ୍ତା ବଢ଼ାଇଛି।

# କୋଇଲା ଖଣିରେ ଭୟଙ୍କର ବିସ୍ଫୋରଣ, ୯୦ ମୃତ




- କାର୍ଯ୍ୟରତ ଥିଲେ ୨୪୭ ଜଣ ଶ୍ରମିକ ଓ କର୍ମଚାରୀ
- ଏବେବି ଅନେକ ନିଖୋଜ
- ଲିଉଶେନୟୁ କୋଇଲା ଖଣିରେ ଘଟିଛି ବିସ୍ଫୋରଣ
- ତଦନ୍ତ ନିର୍ଦ୍ଦେଶ ଦେଲେ ଚୀନ ରାଷ୍ଟ୍ରପତି

**ଚୀନ:** ଚାଇନାର ଶାଙ୍କସି ପ୍ରଦେଶରେ ଥିବା ଗୋଟିଏ କୋଇଲା ଖଣିରେ ବଡ଼ ବିସ୍ଫୋରଣ। କୋଇଲା ଖଣିରେ ଖନନ ଚାଲିଥିବା ବେଳେ ହୋଇଛି ଗ୍ୟାସ ବିସ୍ଫୋରଣ। ଏଥିରେ ୯୦ ଜଣ ଶ୍ରମିକଙ୍କ ପ୍ରାଣ ହରାଇଥିବା ବେଳେ ଆହୁରି ଅନେକ ନିଖୋଜ ଥିବା ଚାଇନିଜ ମିଡିଆ ପକ୍ଷରୁ ସୂଚନା ଦିଆଯାଇଛି। ମିଡିଆ ରିପୋର୍ଟ ଅନୁଯାୟୀ, ଗ୍ୟାସ ବିସ୍ଫୋରଣ ଶୁକ୍ରବାର ବିଳମ୍ବିତ ରାତିରେ ହୋଇଛି। କ୍ୱିନୟୁଆନ କାଉଣ୍ଟୀରେ ଥିବା ଲିଉଶେନୟୁ କୋଇଲା ଖଣିରେ ହିଁ ବିସ୍ଫୋରଣ ଘଟିଛି। ବିସ୍ଫୋରଣ ସମୟରେ ପ୍ରାୟ ୨୪୭ ଜଣ ଶ୍ରମିକ ଓ କର୍ମଚାରୀ ସେଠାରେ କାର୍ଯ୍ୟରତ ଥିଲେ। ବର୍ତ୍ତମାନ ସୁଦ୍ଧା ୯୦ ଜଣଙ୍କ ମୃତଦେହ ସେଠାରୁ ମିଳିଥିବା ବେଳେ ଅନେକ ନିଖୋଜ ରହିଛନ୍ତି। ତେଣୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ସେହିପରି କିଛି ଶ୍ରମିକ ଓ କର୍ମଚାରୀଙ୍କୁ ପ୍ରଶାସନ ଉଦ୍ଧାର କରିବାରେ ସକ୍ଷମ ହୋଇପାରିଛି। ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗ ନିଜେ ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। ସେ ପ୍ରଶାସନିକ ଅଧିକାରୀଙ୍କୁ ଉଦ୍ଧାର, ସର୍ଚ୍ଚ ଅପରେସନ ଓ ଆହତଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବାରେ କୌଣସି ପ୍ରକାରର ଉଦ୍ୟମ ନ ଛାଡ଼ିବାକୁ କହିଛନ୍ତି। ଏହାବାଦ ସେ ବିସ୍ଫୋରଣର କାରଣ ଜାଣିବା ପାଇଁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଆଇନ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବି କହିଛନ୍ତି। ପ୍ରିମିୟର ଲି କ୍ୱିଆଙ୍ଗ ସମାନ ନିର୍ଦ୍ଦେଶକୁ ଦୋହରାଇଛନ୍ତି। ଉପଯୁକ୍ତ ସମୟରେ ପ୍ରକୃତ ତଥ୍ୟ ସାର୍ବଜନୀନ କରାଯିବ ଓ ଉତ୍ତରଦାୟୀ ନିଶ୍ଚିତ ଚିହ୍ନଟ ହେବ ବୋଲି କହିଛନ୍ତି। ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିବା ବେଳେ ସମାନ ସମୟରେ ଘଟଣାର କାରଣ ଖୋଜା ଚାଲିଛି। ୨୦୦୦ ମସିହା ଠାରୁ ଚାଇନାରେ କୋଇଲା ଖଣି ଅଘଟଣ ଆଶାତୀତ ଭାବେ ହ୍ରାସ ପାଇଥିଲା। ପୂର୍ବରୁ କୋଇଲା ଖଣିରେ ଗ୍ୟାସ ବିସ୍ଫୋରଣ କିମ୍ବା ବନ୍ୟା ପରିସ୍ଥିତି ଯୋଗୁ ଅନେକ ଶ୍ରମିକ ପ୍ରାଣ ହରାଉଥିଲେ। କିନ୍ତୁ କଠୋର ନିୟମ ଓ ସୁରକ୍ଷିତ ବ୍ୟବସ୍ଥା ଯୋଗୁ ଅଘଟଣ ହ୍ରାସ ପାଇଥିଲା। ଏବେ କିନ୍ତୁ ପୁଣି ଗୋଟିଏ ଅଘଟଣ ଘଟିଛି।

## କର୍ମଚାରୀଙ୍କ ଛୁଟି ବାତିଲ କଲା ଓପିଟିସିଏଲ

### ବିନାନୁମତିରେ ମୁଖ୍ୟାଳୟ ଛାଡ଼ିବା ମନା

**ଭୁବନେଶ୍ୱର:** ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ବିଦ୍ୟୁତ ଚାହିଦା ବୃଦ୍ଧି ପାଇବାରେ ଲାଗିଛି । ଓଭରଲୋଡ୍ ଯୋଗୁ ରାଜ୍ୟରେ ପାୱାର କଟ୍ ହେଉଛି ବୋଲି ସରକାରଙ୍କ ପକ୍ଷରୁ ସଫେଇ ଦିଆଯାଉଥିବାବେଳେ ଏହି ସଙ୍କଟଜନକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନ ଲିମିଟେଡ(ଓପିଟିସିଏଲ) ପକ୍ଷରୁ ଜରୁରୀକାଳୀନ ପଦକ୍ଷେପ ନିଆଯାଇଛି । ରାଜ୍ୟରେ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ସୁନିଶ୍ଚିତ କରିବା ପାଇଁ ଓପିଟିସିଏଲ୍ ଆଜି ତା'ର ସମସ୍ତ ବର୍ଗର କର୍ମଚାରୀଙ୍କ ଛୁଟିକୁ ତତ୍କାଳ ପ୍ରଭାବରୁ ରଦ୍ଦ କରିଦେଇଛି। ଏହାସହିତ କୌଣସି ବି କର୍ମଚାରୀ ବିନାନୁମତିରେ ନିଜ ନିଜର ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ବୋଲି ମଧ୍ୟ ଓପିଟିସିଏଲ ପକ୍ଷରୁ ଆଜି ନିର୍ଦ୍ଦେଶନାମା ଜାରି ହୋଇଛି ।ସୂଚନା ଅନୁସାରେ ଓପିଟିସିଏଲର ମୁଖ୍ୟ ଜେନେରାଲ ମ୍ୟାନେଜର(ମାନବସମ୍ବଳ)ଙ୍କ ଦ୍ୱାରା ଜାରି ନିର୍ଦ୍ଦେଶନାମା ଅନୁସାରେ କେବଳ ମାତୃତ୍ୱ ଛୁଟି ଓ ଜରୁରୀ ଚିକିତ୍ସା ସମ୍ବନ୍ଧୀୟ ଛୁଟିକୁ ବାଦ୍ ଦେଲେ ଅନ୍ୟ ସମସ୍ତ ପ୍ରକାରର ପୂର୍ବ ମଞ୍ଜୁରୀପ୍ରାପ୍ତ ଛୁଟିକୁ ପ୍ରତ୍ୟାହାର କରି ନିଆଯାଇଛି। ଯେଉଁ କର୍ମଚାରୀମାନେ ଏବେ ଛୁଟିରେ ଅଛନ୍ତି, ସେମାନଙ୍କୁ ଯଥାଶୀଘ୍ର ନିଜ ନିଜ କାର୍ଯ୍ୟକ୍ଷେତ୍ରକୁ ଫେରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ପୁଣି ବଢ଼ିଲା ପେଟ୍ରୋଲ ଓ ଡିଜେଲ ଦର

- ୯ ଦିନରେ ତୃତୀୟ ଥର ବଢ଼ିଲା
- ଭୁବନେଶ୍ୱରରେ ପେଟ୍ରୋଲ ଲିଟର ୧୦୬ ଟଙ୍କା ୧୮ କୁ ବୃଦ୍ଧି




**ନୂଆଦିଲ୍ଲୀ :** ଦେଶରେ ପେଟ୍ରୋଲ ଓ ଡିଜେଲ ଦରରେ ପୁଣି ବୃଦ୍ଧି କରାଯାଇଛି। ତୈଳ କମ୍ପାନୀଗୁଡ଼ିକ ଆଜି ପେଟ୍ରୋଲ ଓ ଡିଜେଲର ଲିଟର ପିଛା ଯଥାକ୍ରମେ ୮୭ ପଇସା ଓ ୯୧ ପଇସା ବୃଦ୍ଧି କରିଛନ୍ତି। ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ତୈଳ କମ୍ପାନୀଗୁଡ଼ିକ ଦର ବୃଦ୍ଧିର ସାମ୍ନା କରୁଥିବାରୁ ଗତ ୯ ଦିନ ମଧ୍ୟରେ ତୃତୀୟ ଥର ପାଇଁ ତୈଳ ଦର ବଢ଼ାଇଛନ୍ତି। ମେ' ୧୯ ତାରିଖରେ ତୈଳ କମ୍ପାନୀଗୁଡ଼ିକ ଉଭୟ ପେଟ୍ରୋଲ ଓ ଡିଜେଲ୍ ଲିଟର ପିଛା ୯୦ ପଇସା ଲେଖାଏ ବୃଦ୍ଧି କରିଥିଲେ। ତା' ପୂର୍ବରୁ ମେ' ୧୫ ତାରିଖରେ ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ଦର ୩ ଟଙ୍କା ଲେଖାଏ ବଢ଼ାଇଥିଲେ। ଏହି ସବୁ ତୈଳ ଦର ବୃଦ୍ଧି କରିବା ପୂର୍ବରୁ ତୈଳ କମ୍ପାନୀଗୁଡ଼ିକ ମାସକୁ ପ୍ରାୟ ୧୦୦୦ କୋଟି ଟଙ୍କା କ୍ଷତି ସହୁଥିବା କହିଥିଲେ। ନୂଆ ଦର ଲାଗୁ ହେବା ପରେ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ଦର ୯୯ ଟଙ୍କା ୫୧ ପଇସା ହୋଇଥିବା ବେଳେ କୋଲକାତାରେ ୧୧୦ ଟଙ୍କା ୬୪ ପଇସା, ମୁମ୍ବାଇରେ ୧୦୮ ଟଙ୍କା ୪୯ ପଇସା ଓ ଚେନ୍ନାଇରେ ୧୦୫ ଟଙ୍କା ୩୧ ପଇସା ରହିଛି। ଗୁଡ୍ ରିଟର୍ଣ୍ଣସ ରିପୋର୍ଟ ଅନୁସାରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ଦର ୧୦୬ ଟଙ୍କା ୧୮ ପଇସାକୁ ବୃଦ୍ଧି ପାଇଛି। ସେହିପରି ନୂଆ ଦର ଲାଗୁ ହେବା ପରେ ଦିଲ୍ଲୀରେ ଡିଜେଲ ଲିଟର ପିଛା ଦର ୯୨ ଟଙ୍କା ୪୯ ପଇସା ହୋଇଥିବା ବେଳେ କୋଲକାତାରେ ୯୭ ଟଙ୍କା ୨ ପଇସା, ମୁମ୍ବାଇରେ ୯୫ ଟଙ୍କା ୨ ପଇସା ଓ ଚେନ୍ନାଇର ୯୬ ଟଙ୍କା ୯୮ ପଇସାରେ ପହଞ୍ଚିଛି। ଗୁଡ୍ ରିଟର୍ଣ୍ଣସ ରିପୋର୍ଟ ଅନୁସାରେ ଭୁବନେଶ୍ୱରରେ ଡିଜେଲ ଲିଟର ପିଛା ଦର ୯୭ ଟଙ୍କା ୮୦ ପଇସାକୁ ବୃଦ୍ଧି ପାଇଛି। ୯ ଦିନ ଭିତରେ ତୃତୀୟ ଥର ପାଇଁ ତୈଳ ଦର ବଢ଼ିଥିବାରୁ ବିଭିନ୍ନ ସାମଗ୍ରୀର ଦର ବଢ଼ିବାର ସମ୍ଭାବନା ରହିଥିବା ଆଲୋଚନା ହେଉଛି।

### ରାଉରକେଲାରେ ବଡ଼ ଧରଣର ବ୍ରାଉନସୁଗାର ଜବତ

# ୭ ମହିଳା ସମେତ ୮ ଡ୍ରଗ୍ସ ବେପାରୀ ଗିରଫ

### → ୧ କୋଟି ରୁ ଅଧିକ ମୂଲ୍ୟର ଧଳାଜହର



**ରାଉରକେଲା:** ଓଡ଼ିଶାରେ ଚାଲିଥିବା ନିଶା ନିବାରଣ ଅଭିଯାନରେ ଏକ ବଡ଼ ସଫଳତା। ରାଉରକେଲା ପୋଲିସ ପ୍ଲାଣ୍ଟସାଇଟ୍ ଥାନା ସୀମା ଅନ୍ତର୍ଗତ ମୀନାପଡ଼ା ଅଞ୍ଚଳରେ ସକ୍ରିୟ ଥିବା ଏକ ବ୍ରାଉନସୁଗାର ନେଟୱାର୍କକୁ ଠାବ କରିଛି। ରାଉରକେଲା ଏସପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ସକାଳେ ତିନି ପ୍ଲାଟୁନ୍ ଫୋର୍ସ ନେଇ ଏକ ସ୍ୱତନ୍ତ୍ର ଚଢାଉ କରିଥିଲା ଏବଂ ଅଞ୍ଚଳରେ କାର୍ଯ୍ୟରତ ଡ୍ରଗ୍ସ ଚୋରା ନେଟୱାର୍କକୁ ସଫଳତାର ସହ ଧ୍ୱଂସ କରିଦେଇଥିଲା। ଏହି ଅଭିଯାନ ସମୟରେ ପୋଲିସ ୮ ଜଣ ଡ୍ରଗ୍ସ ବେପାରୀଙ୍କୁ ଗିରଫ କରିଥିଲା, ଯାହାମଧ୍ୟରେ ୭ ଜଣ ମହିଳା ଅଛନ୍ତି। ସେମାନଙ୍କଠାରୁ ପ୍ରାୟ ୨୨୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି, ଯାହାର ବଜାର ମୂଲ୍ୟ ୧ କୋଟି ଟଙ୍କାରୁ ଅଧିକ ବୋଲି ଅନୁମାନ କରାଯାଉଛି। ନିଶାଦ୍ରବ୍ୟ ବ୍ୟତୀତ ପୋଲିସ ଅଭିଯୁକ୍ତମାନଙ୍କଠାରୁ ୨,୭୦,୨୪୦ ଟଙ୍କା ନଗଦ ଓ ତିନୋଟି ମୋବାଇଲ୍ ଫୋନ୍ ମଧ୍ୟ ଜବତ କରିଛି। ସାରା ଓଡ଼ିଶାରେ ଅବୈଧ ନିଶାଦ୍ରବ୍ୟ ବ୍ୟବସାୟକୁ ରୋକିବା ପାଇଁ ଚାଲିଥିବା ରାଜ୍ୟବ୍ୟାପୀ "ନଶା ମୁକ୍ତ ଓଡ଼ିଶା" ଅଭିଯାନର ଏକ ଅଂଶ ଭାବରେ ଏହି ଚଢାଉ କରାଯାଇଥିଲା। ପୋଲିସ ସୂତ୍ର ଅନୁଯାୟୀ, ମୀନାପଡ଼ା ଅଞ୍ଚଳରେ ପୂର୍ବରୁ ମଧ୍ୟ ଅନେକ ନିଶାବିରୋଧୀ ଚଢାଉ ହୋଇଛି, ଯେଉଁଥିରେ ବହୁ ପରିମାଣରେ ନିଶାଦ୍ରବ୍ୟ ଜବତ ହୋଇଥିଲା। ଶୁକ୍ରବାରର ଏହି କାର୍ଯ୍ୟାନୁଷ୍ଠାନକୁ ରାଉରକେଲାରେ ସଂଗଠିତ ନିଶାଦ୍ରବ୍ୟ କାରବାର ବିରୋଧରେ ଚାଲିଥିବା ଅଭିଯାନର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି।

## କଳବଳ କରୁଛି ଗ୍ରୀଷ୍ମ ପ୍ରବାହ

### ୪୫ ଡିଗ୍ରୀରେ ଜଳୁଛି ପଶ୍ଚିମ ଓଡ଼ିଶା
### ୫ ସହର ପାରଦ ୪୫ ଡିଗ୍ରୀ ଛୁଇଁଲା

**ଭୁବନେଶ୍ୱର:** ଆଜି ବି ଗରମ ଗୁଳୁଗୁଳିରେ କଳବଳ ଓଡ଼ିଶା । ୪୫ ଡିଗ୍ରୀରେ ଜଳୁଛି ପଶ୍ଚିମ ଓଡ଼ିଶା। ପଶ୍ଚିମ ଓଡ଼ିଶାର ୫ ସହର ପାରଦ ୪୫ ଡିଗ୍ରୀ ଛୁଇଁଲା । ୪୫.୨ ଡିଗ୍ରୀ ସହ ଝାରସୁଗୁଡ଼ା ପାଲଟିଛି ରାଜ୍ୟର ସବୁଠୁ ଉତ୍ତପ୍ତ । ସମ୍ବଲପୁର, ହୀରାକୁଦ, ଟିଟିଲାଗଡ଼ ଓ ବୌଦ୍ଧରେ ୪୫ ଡିଗ୍ରୀ ଲେଖାଏଁ ତାପମାତ୍ରା ରେକର୍ଡ ହୋଇଛି। ସେହିଭଳି ସବୁଠୁ ଉତ୍ତପ୍ତ ୧୦ ସହର କେବଳ ପଶ୍ଚିମ ଓଡ଼ିଶାର । ତେବେ ଖାଲି ଦିନ ନୁହେଁ, ରାତିରେ ବି ଛଟପଟ କରୁଛି ଗରମଗୁଳୁଗୁଳି । ଉଷ୍ଣରାତି ନେଇ ଆସନ୍ତାକାଲି ୩ ଜିଲ୍ଲା ଝାରସୁଗୁଡ଼ା, ସମ୍ବଲପୁର ଓ ବଲାଙ୍ଗିର ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର । ସେପଟେ ଆଗକୁ ବଢୁଛି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ମୌସୁମୀ ଦକ୍ଷିଣ-



ପଶ୍ଚିମ, ଦକ୍ଷିଣ-ପୂର୍ବ ଏବଂ ପୂର୍ବ-ମଧ୍ୟ ବଙ୍ଗୋପସାଗରକୁ ବି ଅଗ୍ରସର ହେଉଛି। ଅନ୍ୟପଟେ ଆଣ୍ଡାମାନ ସାଗରର ଅଧିକାଂଶ ଅଞ୍ଚଳକୁ ଆହୁରି ଅଗ୍ରସର ହୋଇଛି ମୌସୁମୀ ବାୟୁ।

## ମେ' ୩୧ରେ ବିଏଡ଼ ଓ ଜୁନ ୩ରେ ବିଏଚଏଡ, ଏମଏଡ ପରୀକ୍ଷା



**ଭୁବନେଶ୍ୱର :** ଦୁଇ ବର୍ଷିଆ ବିଏଡ଼ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ମେ' ୩୧ ତାରିଖରେ ଅନୁଷ୍ଠିତ ହେବ । ସେହିପରି ଜୁନ୍ ୩ ତାରିଖରେ ବି.ଏଚ.ଏଡ଼ (ହିନ୍ଦୀ) ଓ ଏମ.ଏଡ଼ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ଷ୍ଟେଟ ସିଲେକ୍ସନ ବୋର୍ଡ଼ ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ମେ' ୩୧ ତାରିଖରେ ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ବି.ଏଡ଼ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ଭାବେ ଜୁନ୍ ୩ ତାରିଖରେ ସକାଳ ୧୦ ଟାରୁ ୧୨ଟା ପର୍ଯ୍ୟନ୍ତ ବି.ଏଚ.ଏଡ଼ (ହିନ୍ଦୀ) ଏବଂ ଅପରାହ୍ନ ୩ ଟାରୁ ୫ଟା ପର୍ଯ୍ୟନ୍ତ ଏମ.ଏଡ଼ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ମେ' ୨୭ ତାରିଖ ପୂର୍ବାହ୍ନ ୧୧ ଘଟିକା ଠାରୁ ବିଏଡ଼, ବି.ଏଚ.ଏଡ଼ ଓ ଏମ.ଏଡ଼ ପ୍ରବେଶିକା ପରୀକ୍ଷା ପାଇଁ ଆଡ଼ମିଟ କାର୍ଡ଼ ଉପଲବ୍ଧ ହେବ। ଛାତ୍ରଛାତ୍ରୀମାନେ ଷ୍ଟେଟ ସିଲେକ୍ସନ ବୋର୍ଡ଼ (ଏସଏସବି)ର ୱେବ୍ସାଇଟରୁ ନିଜର ଆଡ଼ମିଟ କାର୍ଡ଼ ଡାଉନଲୋଡ଼ କରିପାରିବେ ।ଜୁନ୍ ୪ ତାରିଖରେ ଏସଏସବି ୱେବ୍ ସାଇଟରେ ପ୍ରବେଶିକା ପରୀକ୍ଷାର ପ୍ରୋଭିଜିନାଲ ଆନ୍ସର କି' ପ୍ରକାଶିତ ହେବ। ପ୍ରୋଭିଜିନାଲ ଆନ୍ସର କି' କୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ କୌଣସି ଆଶଙ୍କା ଥିଲେ ପରୀକ୍ଷାର୍ଥୀମାନେ ଜୁନ୍ ୫ ରୁ ୭ ତାରିଖ ମଧ୍ୟରେ ଆନ୍ସର କି' ଚାଲେଞ୍ଜ ପାଇଁ ଆବେଦନ କରିପାରିବେ। ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ ହିଁ ମେଧା ତାଲିକା ପ୍ରକାଶ ପାଇବ।

# ୩୩ ଦିନରେ ରଥଖଳା ❯ ନିର୍ମାଣ ଚାଲିଛି ତିନିରଥର ୧୪ ନାହାକା



**ପୁରୀ:** ରଥଯାତ୍ରା ପାଇଁ ରଥ ନିର୍ମାଣ ଦ୍ରୁତଗତିରେ ଆଗେଇ ଚାଲିଛି। ଶନିବାର ରଥ ନିର୍ମାଣର ୩୩ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ତିନିରଥର ପଞ୍ଚଦଣ୍ଡା ଚଉପଟ ପାଇଁ ବାହାର ରଥ ଖଳାରେ କାଠ ସାଇତା ସହ ତିନି ରଥର ଅଖ ନିର୍ମାଣ ଜାରୀ ରଖିଛନ୍ତି। ତିନିରଥର ଚାରି ନାହାକା ଶେଷ ପରେ ଆରମ୍ଭ ହୋଇଛି ତିନିରଥର ଚଉଦ ନାହାକା ନିର୍ମାଣ କାର୍ଯ୍ୟ । ଆଜି ରଥ ଅମୀନ ଭୋଇ ସେବକଙ୍କ ସହାୟତାରେ ତିନିରଥ ଚାଳିକୁ ପ୍ରଥମ ପର୍ଯ୍ୟାୟରେ ୫ଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଫାଳି ଯୋଗାଇ ଦେଇଛନ୍ତି, ତିନିରଥର ମହାରଣା ସେବକ ମାନେ ଉକ୍ତ ଚଉଦ ନାହାକା କାଠ ଫାଳୀ ର ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି, ଚଉପଟ ପରେ ଉକ୍ତ ନାହାକା କାଠ ର ଅଷ୍ଟ କୋଣି ଆଁଶ ମରା କାର୍ଯ୍ୟ ହେବ। ଏହି ୧୪ ନାହାକା ତିନି ରଥରେ ଚାରି ନହାକା ର ଚାରି ପାର୍ଶ୍ୱରେ ବୁଲିବା ସହ ପ୍ରଥମ ଭୂଇଁ ଛ କାଠିରେ ପାଖୁଡ଼ା ସଂଯୋଗ ହୋଇ ତିନିରଥ ର ମଝି ଭୂଇଁ ବା ଦ୍ୱିତୀୟ ଭୂଇଁ ଫ୍ରେମ୍ ସଂଯୋଗ ହୋଇଥାଏ। ତିନିରଥର ଗରଗରା ଚଉପଟ ଶେଷ ପରେ ବିନ୍ଧ କାର୍ଯ୍ୟ ଆରମ୍ଭ ହୋଇଛି । ଆଜି ଆରମ୍ଭ ହୋଇଛି ତିନି ରଥର ୨୦ ଫୁଟିଆ ଗରଗରା ରେ ବିନ୍ଧ କାର୍ଯ୍ୟ, ପ୍ରତି ଗରଗରାର ଉଭୟ ପାର୍ଶ୍ୱରେ ଗୋଟିଏ ଲେଖାଏଁ ଆୟତାକାର ବିନ୍ଧ ତିନିରଥର ମହାରଣା ସେବକ ମାନେ ଖୋଦେଇ ଜାରୀ ରଖିଛନ୍ତି ,ଏହି ଗରଗରା ଆୟତାକାର ବିନ୍ଧରେ ସଂଯୋଗ ହୋଇ ଉଠିବ ଚାରି ନାହାକା । ଏଥିସହ ତିନିରଥର ଶେଷ ପର୍ଯ୍ୟାୟରେ ପହଞ୍ଚିଛି ତିନିରଥର ଅଖ ନିର୍ମାଣ କାର୍ଯ୍ୟ ତିନିରଥର ସାନ ଉଛୁଳା, ଅଖ ଶେଷ ହୋଇ ନାହାକା ଏବଂ ପଡ଼ି ନାହାକା ଅଖ ଗୁଡିକର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକ ମାନେ ତିନିରଥର ସାଲ ଗୁଜ ରେ ରୂପ ଭୋଦେଇ ଶେଷ କରି ପଲିସ୍ କାର୍ଯ୍ୟ ସହ ଅଳଙ୍କାର ପକା କାର୍ଯ୍ୟ ସହ ତିନିରଥର ଟାଖ ଗୁଜ ଗୁଡିକରେ ସିଂହ ବିରାଳ ରୂପ ଖଦେଇ ଜାରୀ ରଖିଛନ୍ତି । କରତୀ ସେବକ ମାନେ ତାଳଧ୍ୱଜ ରଥର ୪୦ ଫୁଟିଆ ପୋଲ ଗୟଲ ର ଚିତା କାର୍ଯ୍ୟ ପରେ ଚିରଟ କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନିରଥର ଅଖ କଣ୍ଟା ସହ ଗରଗରା କଣ୍ଟା, ପୋଟଳ ନଦା କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ପାହି ମହାରଣା ଦୋଳବେଦୀ ଠାରେ ଅଣସର ତଥା ରଥଯାତ୍ରାରେ ସେବା ନୀତି ପାଇଁ କାଠ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି । ତିନିରଥ ମହାରଣା ସେବକ ୭୮ ଜଣ, ଭୋଇ ସେବକ ୭୭ ଜଣ, କରତି ସେବକ ୪ଜଣ, ରୂପକାର ସେବକ ୨୧ ଜଣ, ଓଝା କମାର ସେବକ ୨୦ ଜଣ,ତୁମ୍ବ ବିନ୍ଧ କାରିଗର ୨ ଜଣ, ପାହି ମହାରଣା ୨ ଜଣ, ରଥଖଳା ସହାୟକ ୧ ଜଣ ମୋଟ ୨୦୫ ଜଣ ସେବକ ରଥ ନିର୍ମାଣରେ ନିମଗ୍ନ ରହିଛନ୍ତି ।

ସମ୍ପାଦକୀୟ

## ମଝିରେ ସର୍ତ୍ତ ପ୍ରତିବନ୍ଧକ !

ଉଭୟଙ୍କ ମଧ୍ୟରେ କିଛି ବି ବାଟ ଫିଟିପାରୁନି କି କିଛି ବି ସମାଧାନ ହୋଇପାରୁନି। କେବଳ ଆଲୋଚନା ଏବଂ ପ୍ରତ୍ୟାଲେଚନାରେ ଏ ଯାବତ୍ ଅନେକ ସମୟ ବିତିଗଲାଣି କିନ୍ତୁ ଏତିକି ସମୟ ମଧ୍ୟରେ କିଛି ବି ସମସ୍ୟାର ସମାଧାନ ଏଯାବତ୍ ହୋଇପାରିଲାନି। ଆଗକୁ ଯେ ସମାଧାନ ହୋଇପାରିବ, ସେମିତି କିଛି ବି ଆଶା ବି ଦେଖାଯାଉନି ! ତେବେ ଏବେ ବି ଆଶା ମଉଳିନି। ସମସ୍ୟା ଅତି ଗମ୍ଭୀର, ସମସ୍ୟା ଅତି ଗୁରୁତର। ତଥାପି ଉଭୟ ପକ୍ଷ କେହି ବି ବୁଝିବାକୁ ପ୍ରସ୍ତୁତ ନୁହଁନ୍ତି । କେହି ବି କାହା ସହିତ କେହି ବି ତାଳମେଳ ରଖୁନାହାଁନ୍ତି। ହେଲେ ଘନ ଘନ ବୈଠକ ପରେ ବୈଠକ, ଘନ ଘନ ଆଲେଚନା ପ୍ରତ୍ୟାଲୋଚନା କିନ୍ତୁ ଜାରି ରହିଛି। ସେଥିରେ ଟିକିଏ ହେଲେ ବି ଢ଼ିଲା ନାହିଁ। କିନ୍ତୁ ଫଳାଫଳ ଶୂନ । ଗୋଟାଏ ପକ୍ଷରେ ଆମେରିକା ଏବଂ ଅପରପକ୍ଷରେ ଇରାନ୍ । ଗୋଟାଏ ପକ୍ଷରେ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ଆମେରିକା ଏବଂ ଅପରପକ୍ଷରେ ମଧ୍ୟପ୍ରାଚ୍ୟର ସବୁଠାରୁ ପ୍ରଭାବଶାଳୀ ଇରାନ୍। ଗୋଟାଏ ପଟେ ଖ୍ରୀଷ୍ଟିଆନିଟୀ ଏବଂ ଅପରପକ୍ଷେ ଇସ୍ଲାମ। ଉଭୟଙ୍କ ଆରାଧ୍ୟ କେବେ ବି ନୁହଁନ୍ତି ଅଶାନ୍ତି ପକ୍ଷରେ । ଉଭୟ ପକ୍ଷ କିନ୍ତୁ ଯାଉଛନ୍ତି କେବଳ ଅଶାନ୍ତି ସପକ୍ଷରେ , ସେମାନେ ଆଜି ଶାନ୍ତିଠାରୁ ବହୁ ଦୂରରେ । ଆମେରିକା ଏବଂ ଇରାନ ମଧ୍ୟରେ ଏବେ ଜୋର୍‌ସୋର୍ ଆରମ୍ଭ ହୋଇଯାଇଛି ଲଢ଼େଇ। ଯାହା ତଥ୍ୟ କହୁଛି ଫେବୃଆରୀ ୨୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଲଢ଼େଇ ଏଯାବତ୍ ଜାରି ରହିଛି। ସମାଧାନ ପାଇଁ ଉଭୟ ପକ୍ଷ ତ ଆଗ୍ରହୀ ହେଲେ କେହି କାହା କଥାରେ କିନ୍ତୁ ପ୍ରଭାବିତ ହେଉନାହାଁନ୍ତି କି କେହି କାହା କଥାକୁ କେବେ ବି ବିଶ୍ୱାସ କରୁନାହାଁନ୍ତି କି କେହି କାହା କଥାକୁ ବିଶ୍ୱାସ କରିବା ସ୍ଥିତିରେ ବି ନାହାଁନ୍ତି। ସେ ପାଇଁ ତ ଏତେ ଝାମେଲା। କିଏ ବା କ'ଣ କରିବ ? ଗୋଟାଏ ପଟେ ଆମେରିକା ଯେ କି କୂଟନୀତିରେ ମାଷ୍ଟର ଏବଂ ଆରପଟେ ଇରାନ୍ ଯେ ମଧ୍ୟପ୍ରାଚ୍ୟର କଟ୍ଟର। ସେପାଇଁ ତ କାହା ସହିତ କାହାର କେବେ ବି ତାଳମେଳ ରହୁନାହିଁ କି ଆଗାମୀ ସମୟରେ ସେମିତି କିଛି ତାଳମେଳ ରହିବାର ସମ୍ଭାବନା ମଧ୍ୟ ନାହିଁ। କାରଣ ଯେମିତି କି ପୂର୍ବରୁ ବି ସ୍ପଷ୍ଟ। ଗୋଟାଏ ପଟେ ପଠାନ୍ ଇସଲାମ୍ ତ ଆରପଟେ ଖ୍ରୀଷ୍ଟିଆନ୍ । ନା ମନ ମିଶୁଛି ନା ମତ । କାହାର କାହା ସହିତ କିଛି ବି ମିଶୁନି। ତଥାପି ସମାଧାନ ପାଇଁ ଉଭୟ ଆଗ୍ରହୀ। ସମାଧାନ ତ ହେବ ନିଶ୍ଚୟ। ଆଜି ନ ହେଲେ କାଲି ବି ହୋଇପାରେ। ସମସ୍ୟା ଅଛି ଯେତେବେଳେ, ସମାଧାନ ତ ହେବ ନିଶ୍ଚୟ। ହେଲେ କାଲି କାଲିରେ ଏମିତି ଆଉ ବେଶି ବିଳମ୍ବ ହୋଇଗଲେ ସେପଟେ ଇରାନ୍ ର ଅବସ୍ଥା ହୁଏତ ଆହୁରି ବିଗିଡ଼ିଯାଇପାରେ। କାରଣ ସମ୍ମୁଖ ସମରରେ ଇରାନ୍ କେତେଦିନ ଟିକିବ ଆମେରିକା ସାମ୍ନାରେ ? ଯାହାକୁ ଟକ୍କର ଦେବାରେ ପୂରା ମଧ୍ୟପ୍ରାଚ୍ୟ ବି ପଛରେ। ଇରାନ୍ କେମିତି ବା ସାମ୍ନା କରିବ ଆମେରିକାର ? ତଥାପି ମାସାଧିକ କାଳ ଅତି ସାହସର ସହିତ ଲଢ଼ିଚାଲିଛି ଆମେରିକା ସହିତ ଇରାନ ଏବଂ ସବୁଠାରୁ ବଡ଼ କଥା ହେଉଛି ଆଗକୁ ବି ଆମେରିକା ସହିତ ସେମିତି ଲଢ଼େଇ ଜାରି ରଖିବା ପାଇଁ ଦମ୍ଭୋକ୍ତି ବାଢ଼ିଛି ଇରାନ। ଭିତରେ ଭିତରେ ବହୁ ପ୍ରକାର ପ୍ରସ୍ତୁତି ମଧ୍ୟ ଚଳାଇଛି। ଉଭୟଙ୍କ ମଧ୍ୟରେ ଯୁଦ୍ଧର ମୂଳକାରଣ ହେଉଛି ହର୍ମୁଜ୍ ଯାହା ତଥ୍ୟ କହୁଛି। ତେବେ ଇରାନ୍ -ଆମେରିକା ମଧ୍ୟରେ ହର୍ମୁଜ୍‌କୁ ନେଇ ଯୁଦ୍ଧ ଯେଉଁଭଳି ଅବସ୍ଥାରେ ରହିଛି, ତାହା ପଛରେ ଆଉ ବି କିଛି କାରଣ ରହୁଛି। ଏବେ କିନ୍ତୁ ସେ ସବୁ କାରଣ ଉପରେ ତର୍ଜମା କରିବା ସମିଚୀନ ନୁହେଁ। ବରଂ ହର୍ମୁଜ୍ ପଥରେ ଆସୁଥିବା ମୁଖ୍ୟ ପ୍ରତିବନ୍ଧକ ହଟିବା ଦରକାର। ଉଭୟ ପକ୍ଷରେ ମୁଖ୍ୟ ପ୍ରତିବନ୍ଧକ ହେଉଛି ସର୍ତ୍ତ ଯାହା ପରସ୍ପରକୁ ରୋକୁଛି , ଯାହା ପରସ୍ପରକୁ ରୋକୁଛି ଶାନ୍ତି ସ୍ଥାପନରୁ । ଇତି ମଧ୍ୟରେ ପାକିସ୍ତାନ୍ ଦୁଇ ଦୁଇ ଥର ମଧ୍ୟସ୍ଥତା କରିସାରିଲାଣି ଉଭୟଙ୍କ ମଧ୍ୟରେ ତଥାପି ହୋଇପାରୁନି , ସମାଧାନ। କେତେବୋଳ ଆମେରିକା କିଛି ସର୍ତ୍ତ ରଖିଲାଣି ତ କେତେବେଳେ ଇରାନ୍ ବି କିଛି ରଖିଲାଣି ସର୍ତ୍ତ। ଏମିତି ସର୍ତ୍ତଏବଂ ପ୍ରତିସର୍ତ୍ତରେ ପ୍ରତିସ୍ଥାପନରେ ଚାଲିଛି କାରବାର। ପାଇଁ ଉଭୟ ପକ୍ଷ ସମାଧାନ ପାଇଁ ତ ଆଗ୍ରହୀ ହେଲେ କେହି କାହା କଥାରେ କିନ୍ତୁ ପ୍ରଭାବିତ ହେଉନାହାଁନ୍ତି କି କେହି କାହା କଥାକୁ କେବେ ବି ବିଶ୍ୱାସ କରୁନାହାଁନ୍ତି କି କେହି କାହା କଥାକୁ ବିଶ୍ୱାସ କରିବା ସ୍ଥିତିରେ ବି ନାହାଁନ୍ତି। ସେ ପାଇଁ ତ ଏତେ ଝାମେଲା। କିଏ ବା କ'ଣ କରିବ ? ଗୋଟାଏ ପଟେ ଆମେରିକା ଯେ କି କୂଟନୀତିରେ ମାଷ୍ଟର ଏବଂ ଆରପଟେ ଇରାନ୍ ଯେ ମଧ୍ୟପ୍ରାଚ୍ୟର କଟ୍ଟର। ଏଣୁ କେମିତି ହେବ ସମାଧାନ ? ଅସଲ କଥା ହେଉଛ ଇରାନ୍ ମାଟିରେ ଆମେରିକାର ଦାଦାଗିରି। ଇରାନ୍ ବି ନିଜକୁ ପାରମାଣବିକ କ୍ଷେତ୍ରରେ ପ୍ରସ୍ତୁତ କରିବାର ତା'ର ଉଦ୍ୟମ ଜାରି ରଖିଛି ହେଲେ ସେହି ରାସ୍ତାରେ ମୁଖ୍ୟ ପ୍ରତିବନ୍ଧକ ହେଉଛି ଆମେରିକା। ଏହା ହିଁ ଯୁଦ୍ଧ ପଛର ମୁଖ୍ୟ କାରଣ। ଏବେ ପୁଣି ହର୍ମୁଜ୍ ହରକତ। ତାହା ପଛରେ ପୁଣି ସର୍ତ୍ତ ପରେ ସର୍ତ୍ତ।

## ଧନୀପୁଅ

ଧନୀଲୋକ ଜଣଙ୍କର ଗୋଟିଏ ବୋଲି ପୁଅ। ପରେ ସେ ଆଉ କୌଣସି ବି ସନ୍ତାନ ଆଶା କରୁନଥିଲେ। ସମସ୍ତଙ୍କର ଅତି ଗେହ୍ଲା ପୁଅ ଥିଲେ ସେ । ତେବେ ତାଙ୍କର ଗୋଟାଏ ଅତି ଖରାପ୍ ଗୁଣ ଥିଲା। ସେ ଭାରୀ ବଦରାଗୀ ଥିଲେ। କଥାରେ କଥାରେ ସେ ବହୁତ ରାଗିଯାଉଥିଲେ। ତାଙ୍କର ବ୍ୟବହାର ଅନେକ ସମୟରେ ଅନେକଙ୍କ ପ୍ରତି ଅତି କର୍କଶ ହୋଇପଡୁଥିଲା। ଅତି ଖରାପ୍ ହୋଇପଡୁଥିଲା ଯାହାକୁ ପିଲାଟିର ବାପାମା' ବହୁତ ଚିନ୍ତିତ ହେଉଥିଲେ। କ'ଣ କରିବେ , କ'ଣ ଭାବିବେ ? ପିଲାଟିକୁ ସେ କେମିତି ପରିବର୍ତ୍ତନ କରିବେ , ପିଲାଟିକୁ ସେ କେମିତି ସୁଧାରିବେ ? ସେଇ ଚିନ୍ତାରେ ବାପା ମା' ଦୁହେଁ ଘାରି ହେଉଥାନ୍ତି ହେଲେ ପିଲାଟିର ପରିବର୍ତ୍ତନ ନେଇ ସେମାନେ ସେମିତି କିଛି ରାସ୍ତା ଅବା ମାର୍ଗ ପାଉ ନଥିଲେ। ଏମିତି ଚିନ୍ତାରେ ଥାଇ ଥରେ ପିଲାର ପରିବର୍ତ୍ତନ ନେଇ ସେମାନେ ତାଙ୍କ ପରିବାରର ଜନୈକ କୁଳଗୁରୁଙ୍କ ସହିତ ପରାମର୍ଶ କଲେ। ଗୁରୁଙ୍କର ଉତ୍ତର ଥିଲା କିଛି ଭିନ୍ନ । ଗୁରୁଙ୍କ ମତରେ କୌଣସି ଗୋଟିଏ ମଣିଷର ସନ୍ତାନ ସନ୍ତତି କେବେ ବି ଗୋଟାଏ ପ୍ରକାରର ହୋଇ ନପାରନ୍ତି। ତେଣୁ ଏଥିରେ ବିଶେଷ ଚିନ୍ତା କରିବାର କୌଣସି କାରଣ ନାହିଁ। କେବେ କେବେ ସେମିତି ବି ହୁଏ। କେବେ କେବେ ଏମିତି ବି ହୁଏ ଯେ ଗୋଟିଏ ପରିବାରରେ ଜନ୍ମିତ ଦୁଇଟି ପିଲା କେବେ ବି ଏକା ନ ହୋଇପାରନ୍ତି। ଜଣେ ବାପା ଭଳି ହୋଇଥାଏ ତ ଆଉ ଜଣେ ତା'ର ମାଆ ଭଳ ହୋଇଥାଏ । ଏଣୁ ସେଥିପାଇଁ ଗୋଟିଏ ପରିବାରର ଦୁଇଟି ଦୁଇଟି ପିଲା କେବେ କେବେ ଭିନ୍ନ ଭିନ୍ନ ହୋଇ ଯାଆନ୍ତି। ଠିକ୍ ସେମିତି ସେହି ପିଲାଟି ଏମିତି ବଦଳିଯାଇଛି। ଜଣେ ଧନୀ ଘରର ପିଲାର ବାପା ଭଳି ତା'ର ପିଲାଟା ମଧ୍ୟ କଠୋର ତଥା କର୍କଶ ହୋଇଯାଇଛି। ତେବେ ଏଠାରେ କ'ଣ କରାଯାଇପାରେ। କିଭଳି ଧନୀ ଘରର ସେହି ବାଲୁଙ୍ଗା ପିଲାର ମନଟା ପରିବର୍ତ୍ତନ ହୋଇପାରିବ, ସେ ନେଇ ଗୁରୁ ଅବଶ୍ୟ କିଛି ପରାମର୍ଶ ଦେଇଥିଲେ ସେଦିନ ତା'ର ବାପା- ମଆଙ୍କୁ ଯାହା ମାଧ୍ୟରେ ଅନ୍ତତଃ ପିଲାଟା ପରିବର୍ତ୍ତନ ହୋଇପାରିବ । ତେବେ ଗୁରୁଙ୍କ ପରାମର୍ଶ ଶେଷରେ ପିଲାଟାର ବିଚାରଧାରା ପରିବର୍ତ୍ତନ କରିବାରେ ଅବଶ୍ୟ ସହାୟକ ହୋଇପାରିଲା।ଧନୀକ ବ୍ୟକ୍ତିଙ୍କ ପାରିବାରିକ ଗୁରୁ ବୋଲାଉଥିବା ସେହି ମହାଶୟ ଜଣଙ୍କ ମତରେ କାହାକୁ ଆମେ କିଛି ପରାମର୍ଶ ଅବା ଉପଦେଶ ଦେଇ ତାକୁ ଠିକ୍ ଭାବେ ଗଢ଼ିବାର ଚେଷ୍ଟା କରିପାରିବା ହେଲେ ଜଣଙ୍କୁ ସମ୍ପୂର୍ଣ ରୂପେ ପରିବର୍ତ୍ତନ କରିପାରିବା ନାହିଁ। ଜଣକର ପରିବର୍ତ୍ତନ କେବଳ ତା'ର ବିଚାରଧାରାରେ ପରିବର୍ତ୍ତନ ପରେ ଆସିପାରିବ। ପରିବର୍ତ୍ତନ କେବଳ ତା'ର ନିଜର ମାନସିକ ଚିନ୍ତାଧାରା ଉପରେ ନିର୍ଭର କରେ। ଯାହାହେଉ ଜନୈକ ଧନୀ ବ୍ୟକ୍ତିଙ୍କ ଗେହ୍ଲାପୁଅର ସ୍ୱଭାବରେ ଶେଷରେ ଆସିଲା ପରିବର୍ତ୍ତନ ।

# ଦାନ ମାଝୀ ଏବଂ ଜିତୁ ମୁଣ୍ଡା
# ଭିନ୍ନ ଚରିତ୍ର, ସମାନ ଘଟଣା



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଭାରତ ଏକ ବିଶାଳ ଦେଶ, ଏବଂ ଆମେ ପ୍ରତିଦିନ ଏହାର ପ୍ରଗତି କାହାଣୀ ଶୁଣିଥାଉ। କିନ୍ତୁ ଏହି ପ୍ରଗତି ନାମରେ, କିଛି ଘଟଣା ଘଟେ ଯାହା ଆମ ସମାଜର ଅନ୍ଧକାର ପାର୍ଶ୍ୱକୁ ପ୍ରକାଶ କରେ। ଓଡ଼ିଶାର ଦାନ ମାଝୀ ଏବଂ ଜିତୁ ମୁଣ୍ଡାଙ୍କ ଘଟଣା ଦୁଇଟି ଏପରି ଦୁଃଖଦ ଘଟଣା ଯାହା କେବଳ ମାନବିକତାର ଅଭାବ ନୁହେଁ ବରଂ ସରକାର ଓ ପ୍ରଶାସନିକ ବିଫଳତାକୁ ମଧ୍ୟ ପ୍ରକାଶ କରେ। ଓଡ଼ିଶାର ଗ୍ରାମ ଏବଂ ଜଙ୍ଗଲ ଅଞ୍ଚଳରେ ବାସ କରୁଥିବା ଅନେକ ଆଦିବାସୀ ପରିବାରର ଜୀବନ ଏବେ ବି ସଂଘର୍ଷରେ ପରିପୂର୍ଣ୍ଣ। ଏହି ସଂଘର୍ଷ ଦୈନନ୍ଦିନ ଜୀବନର ଆର୍ଥିକ କଷ୍ଟ ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ମୌଳିକ ସୁବିଧାର ଅଭାବ ମଧ୍ୟ ଅନ୍ତର୍ଭୁକ୍ତ। ଏପରି ଏକ ଦୁଃଖଦ ଘଟଣାରେ ଜିତୁ ମୁଣ୍ଡା ନାମ ସମ୍ପ୍ରତି ଘଟଣା ସାମ୍ନାକୁ ଆସିଛି। ତାଙ୍କର ଏ ଘଟଣା କେବଳ ଜଣେ ବ୍ୟକ୍ତିଙ୍କ ଦୁଃଖ ନୁହେଁ, ବରଂ ବ୍ୟବସ୍ଥାର ବିଫଳତାର ଏକ ସ୍ପଷ୍ଟ ଉଦାହରଣ। ଜିତୁ ମୁଣ୍ଡା ଓଡ଼ିଶାର ଏକ ଆଦିବାସୀ ପରିବାରର ସଦସ୍ୟ। ସେ ଏକ ଗରିବ ପରିବାରରୁ ଆସିଥିଲେ ଯାହାର ଜୀବନ ପ୍ରତିଦିନର କଠିନ ପରିଶ୍ରମ ଏବଂ ସଂଘର୍ଷରେ ପରିପୂର୍ଣ୍ଣ ଥିଲା। ତାଙ୍କ ଜୀବନର ଏକ ଘଟଣା ତାଙ୍କୁ ଖବରରେ ପ୍ରସିଦ୍ଧ କରିଥିଲା। ଏହା ଏକ ମୃତ ଶରୀର ପାଇଁ ତାଙ୍କର ଅସହାୟତା ଥିଲା। ପରିବାରର ଜଣେ ସଦସ୍ୟଙ୍କ ମୃତ୍ୟୁ ହେଲେ ଦୁଃଖ ଏକ ସ୍ୱାଭାବିକ ଭାବନା। କିନ୍ତୁ ଯେତେବେଳେ ସମାଜ ଏବଂ ପ୍ରଶାସନ ଦୁଃଖର ସେହି ମୁହୂର୍ତ୍ତରେ ସମର୍ଥନ ଯୋଗାଇବାରେ ବିଫଳ ହୁଏ, ଏହା ଆହୁରି ଯନ୍ତ୍ରଣାଦାୟକ ହୋଇଯାଏ ଯାହା ଜିତୁ ମୁଣ୍ଡାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି।

୨୦୧୬ ମସିହାରେ ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଜଣେ ଗରିବ ଆଦିବାସୀ ବ୍ୟକ୍ତି ଦାନ ମାଝୀ ସମଗ୍ର ଦେଶକୁ ଥରାଇ ଦେଇଥିଲେ। ଚିକିତ୍ସା ଅଭାବରୁ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହସ୍ପିଟାଲରେ ହୋଇଥିଲା। କିନ୍ତୁ ଏହା ପରେ ଯାହା ଘଟିଥିଲା ତାହା ଆହୁରି ଯନ୍ତ୍ରଣାଦାୟକ ଥିଲା। ମୃତଦେହକୁ ଘରକୁ ନେବା ପାଇଁ ହସ୍ପିଟାଲ ଆମ୍ବୁଲାନ୍ସ ବ୍ୟବସ୍ଥା କରିନଥିଲା। ଗରିବ ଦାନ ମାଝୀଙ୍କ ପାଖରେ ଟଙ୍କା ନଥିଲା। ଶେଷରେ, ସେ ତାଙ୍କ ସ୍ତ୍ରୀଙ୍କ ମୃତଦେହକୁ ଏକ କପଡ଼ାରେ ଗୁଡ଼ାଇ ଦଶ କିଲୋମିଟରରୁ ଅଧିକ ଚାଲିଥିଲେ। ତାଙ୍କ ସହିତ ତାଙ୍କ ଛୋଟ ଝିଅ ମଧ୍ୟ ଥିଲା, ଯିଏ ତାଙ୍କ ମାଆଙ୍କ ମୃତଦେହ ପାଖରେ କାନ୍ଦୁଥିଲା। ଏହି ଘଟଣା ଭାରତର ସ୍ୱାସ୍ଥ୍ୟସେବାର ଏକ ନିଷ୍ଠୁର ଚିତ୍ରକୁ ପ୍ରକାଶ କରିଥିଲା। ଏହା ମାନବିକତାର ଅଭାବର ଏକ ଜୀବନ୍ତ ଉଦାହରଣ। ଠିକ୍ ସେହିପରି କେଉଁଝରେ ଯ ଜଲ୍ଲାର ଦାନ ମାଝୀ ଘଟଣା ପରେ ମଧ୍ୟ ପରିସ୍ଥିତି ଅପରିବର୍ତ୍ତିତ ରହିଥିଲା। କିଛି ବର୍ଷ ପରେ, ଓଡ଼ିଶାରେ ଆଉ ଏକ ଘଟଣାରେ ଜିତୁ ମୁଣ୍ଡାଙ୍କ ଅସହାୟ ବ୍ୟଥା ସାମ୍ନାକୁ ଆସିଲା। ଜିତୁ ମୁଣ୍ଡାଙ୍କ ପରିବାର ସମାନ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଚିକିତ୍ସା ଏବଂ ପରିବହନ ସୁବିଧାର ଅଭାବ ଯୋଗୁଁ ସେମାନେ ମୃତଦେହକୁ ସଠିକ୍ ଭାବରେ ସଂସ୍କାର କରିପାରି ନଥିଲେ। ଏହା ପ୍ରମାଣିତ କଲା ଯେ ଏହା ଏକ ଥରକ ଘଟଣା ନୁହେଁ ବରଂ ଏକ ବାରମ୍ବାର ସମସ୍ୟା ଥିଲା। ଏହା ବ୍ୟତୀତ ବ୍ୟାଙ୍କ କର୍ମଚାରୀ ଅଳ୍ପ ଟଙ୍କା ପାଇଁ ଜିତୁ ମୁଣ୍ଡାଙ୍କ କାର୍ଯ୍ୟକୁ ବୁଝିବା ଏବଂ ବ୍ୟାଖ୍ୟା କରିବାରେ ଅସମର୍ଥ ହେବା ବ୍ୟାଙ୍କ କର୍ମଚାରୀଙ୍କ ମାନବିକତା ଉପରେ ପ୍ରଶ୍ନ ଉଠାଇଛି, ଏବଂ ଓଡ଼ିଶାର ଏହି ଲଜ୍ଜାଜନକ ଘଟଣା ସାରା ବିଶ୍ୱରେ ସମସ୍ତଙ୍କୁ ଗଭୀର ଦୁଃଖ ଦେଇଛି। ଦାନ ମାଝୀ ଘଟଣା ସାମାଜିକ ଗଣମାଧ୍ୟମ ଏବଂ ସମ୍ବାଦ ରିପୋର୍ଟ ମାଧ୍ୟମରେ ବ୍ୟାପକ ଭାବରେ ପ୍ରଚାରିତ ହୋଇଥିଲା, ଯାହା ସରକାରଙ୍କ ଉପରେ ଚାପ ସୃଷ୍ଟି କରିଥିଲା। ତଥାପି ଏହା ମଧ୍ୟ ସତ୍ୟ ଯେ ପ୍ରଚାର ଅଭାବରୁ ଏପରି ଅନେକ ଘଟଣା ଅସ୍ପଷ୍ଟ ରହିଛି। ଦାନ ମାଝୀ ଏବଂ ଜିତୁ ମୁଣ୍ଡାଙ୍କ ଘଟଣା ଆମ ସମାଜର ଦୁଃଖଦ ସତ୍ୟକୁ ପ୍ରକାଶ କରିଛି। ଏହା କେବଳ ଦୁଇଜଣ ବ୍ୟକ୍ତିଙ୍କ କାହାଣୀ ନୁହେଁ ବରଂ ଏହା ଗରିବଙ୍କ ଦୁଃଖର ଚିତ୍ର।

ଜିତୁ ମୁଣ୍ଡାଙ୍କ ଘଟଣା ଏକ ଗମ୍ଭୀର ପ୍ରଶ୍ନ ଉଠାଇଛି। ଆମ ସମାଜରେ ମାନବିକତା କେଉଁଠି ? ଯେତେବେଳେ କେହି ଏତେ ଖରାପ ପରିସ୍ଥିତିରେ ପଡ଼ିଥାନ୍ତି, ସମାଜର ଅନ୍ୟ ସଦସ୍ୟମାନେ ସେମାନଙ୍କୁ ସାହାଯ୍ୟ କରିବା ଉଚିତ। କିନ୍ତୁ ଏଠାରେ, ଏହା ଦେଖାଯାଉଛି ଯେପରି ଲୋକମାନେ କେବଳ ଦେଖୁଛନ୍ତି, ସାହାଯ୍ୟ କରୁନାହାଁନ୍ତି। ଏହି ଘଟଣା ପ୍ରଶାସନର ବିଫଳତାକୁ ମଧ୍ୟ ଉଜାଗର କରେ। ଆଜି ଭାରତରେ ମାଗଣା ଆମ୍ବୁଲାନ୍ସ ସେବା ସମେତ ଅନେକ ସରକାରୀ ଯୋଜନା ଅଛି। କିନ୍ତୁ ଯଦି ଆବଶ୍ୟକ ସମୟରେ ଏହି ସେବା ଉପଲବ୍ଧ ନହୁଏ, ତେବେ ଏହା ବ୍ୟବସ୍ଥାର ବିଫଳତାକୁ ସୂଚିତ କରେ। ଜିତୁ ମୁଣ୍ଡାଙ୍କ ଘଟଣା ପ୍ରମାଣିତ କରେ ଯେ କେବଳ ଏକ ଯୋଜନା ରଖିବା ଯଥେଷ୍ଟ ନୁହେଁ, ଏଥିପାଇଁ ଉପଯୁକ୍ତ ଅନୁଷ୍ଠାନ ମଧ୍ୟ ଆବଶ୍ୟକ। ଜିତୁ ମୁଣ୍ଡାଙ୍କ ଘଟଣା ଦାନ ମାଝୀଙ୍କ ସହିତ ସମାନ। ଉଭୟଙ୍କୁ ସେମାନଙ୍କ ପରିବାର ସଦସ୍ୟଙ୍କ ମୃତଦେହ ବୋହିବାକୁ ପଡ଼ିଥିଲା। ଏହି ଦୁଇଟି ଘଟଣା ପ୍ରମାଣିତ କରେ ଯେ ଏହା ଏକ ବିଚ୍ଛିନ୍ନ ଘଟଣା ନୁହେଁ, ବରଂ ଏକ ପୁନରାବୃତ୍ତି ସମସ୍ୟା। ଜିତୁ ମୁଣ୍ଡାଙ୍କ କାହାଣୀ ଆମ ସମାଜର ଏକ ଦୁଃଖଦ ଦିଗକୁ ପ୍ରକାଶ କରେ। ଏହା କେବଳ ଗୋଟିଏ ଘଟଣା ନୁହେଁ ବରଂ ଏହା ଏକ ବାର୍ତ୍ତା। ଆମକୁ ସରକାରଙ୍କୁ ଅଧିକ ମାନବିକତା ଦେଖାଇବାକୁ ପଡିବ। ଯଦି ଆମେ ଏପରି ଘଟଣାରୁ ଶିକ୍ଷା ପାଇପାରିବା, ତେବେ ଭବିଷ୍ୟତରେ ସେଗୁଡ଼ିକୁ ଘଟିବାରୁ ରୋକିପାରିବା। ନଚେତ୍, ଜିତୁ ମୁଣ୍ଡା ଓ ଦାନ ମାଝି ପରି ଅନେକ ନାମ ଆଗକୁ ଉଭା ହେବ, ଯାହା ଆମ ରାଜ୍ୟ, ଦେଶ ତଥା ସମାଜ ପାଇଁ ବଡ଼ ଲଜ୍ଜା ଆଣିବ। ମାନବିକତା ହେଉଛି ପ୍ରକୃତ ସଭ୍ୟତାର ପରିଚୟ। ଯଦି ଆମେ ଏହାକୁ ହରାଇବା, ତେବେ ପ୍ରଗତି ପାଇଁ ସମସ୍ତ ଦାବି ଅର୍ଥହୀନ ହୋଇଯିବ।

ଅରଙ୍ଗାବାଦ ବରୀ ଯାଜପୁର
୮୨୪୯୫୦୨୭୭୬

# ସାଇବର ଅପରାଧ: ସଚେତନତା ଜରୁରୀ !



ପ୍ରଦୋଷ କୁମାର ଦାସ

ସାମ୍ପ୍ରତିକ ବିଶ୍ୱ ଡିଜିଟାଲ ବୈଶ୍ୟୟିକ ଯୁଗର କ୍ଷିପ୍ର ଜଗତିକରଣ ସମୟରେ ଯେତିକି ଯେତିକି ମାନବ ଉନ୍ନତି ଶିଖରରେ ପହଞ୍ଚିଚାଲିଛି, ସାଇବର ଠକେଇ ମଧ୍ୟ ସେତିକି ବିଭିନ୍ନ ସ୍ତରରେ ଚିନ୍ତାଜନକ ହେବାରେ ଲାଗିଛି। ନଗଦି କାରବାର କରିବାକୁ ପ୍ରୋତ୍ସାହିତ ଆଧୁନିକ ମଣିଷର ଜୀବନ ଶୈଳୀରେ ପରିବର୍ତ୍ତନ ଆସିଛି। ତେବେ ଏଥିପାଇଁ ଆବଶ୍ୟକ ସାଇବର ସଚେତନତା ଉପରେ ବେପରୁଆ ଆନ୍ତରିକତା ତଥା ସାଧାରଣରେ ଏଦିଗରେ ସତର୍କତାର ଅଭାବ ଓ ଉଦାସୀନତା ମନୋଭାବ ଯୋଗୁଁ ପ୍ରତିଦିନ ଆମ ଦେଶରେ ପ୍ରତି ମୁହୂର୍ତ୍ତରେ କୌଣସି ନା କୌଣସି ସ୍ଥାନରେ ସଂଖ୍ୟାଧିକ ସାଇବର ଅପରାଧ ଘଟି ଚାଲିଛି। ସବୁଠାରୁ ଉଦବେଗଜନକ କଥା ହେଲା, ଯୁଗୋପଯୋଗୀ ସାଇବର ସମ୍ପୃକ୍ତ ଆମ ଦେଶର ଆର୍ଥିକ, ଦ୍ୱିଶ୍ୱୟିକ, ଶକ୍ତି ସମେତ ଗୁରୁତ୍ୱପୂର୍ଣ୍ଣ ବିଭିନ୍ନ କ୍ଷେତ୍ରରେ ନିରାପତ୍ତା ରକ୍ଷା କରିବା ବିରୋଧରେ ଏହା ପରୋକ୍ଷରେ ଏକ ଆହ୍ୱାନ ସୃଷ୍ଟି କରିଛି। ଏଥିପାଇଁ ଆମେ ସମଗ୍ର ଦେଶବାସୀଙ୍କ ସାଇବର ସଚେତନତାର ତଡିତ ଆହରଣର ଆବଶ୍ୟକ ରହିଛି।

ଭାରତ ସରକାର ଙ୍କ ଇଲେକ୍ଟ୍ରୋନିକସ ତଥା ସୂଚନା ଓ ପ୍ରଯୁକ୍ତି ବିଭାଗ ଆନୁକୂଲ୍ୟରେ ଇଣ୍ଡିଆନ୍ କମ୍ପୁଟର ଇମରଜେନସି ରେସପନସ ଟିମ୍( ସି ଇ ଆର ଟି-ଇନ ) ପକ୍ଷରୁ ସାଇବର ସଚେତନତା ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା ରହିଛି। ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ଆନୁକୁଲ୍ୟରେ ଗତ ୨୦୨୫ ଅକ୍ଟୋବର ମାସ ରୁ ପ୍ରତି ମାସ ର ପ୍ରଥମ ବୁଧବାର ଦିନ କୁ ସାଇବର ସଚେତନତା ସୃଷ୍ଟି ଦିବସ ଅର୍ଥାତ୍ ସାଇବର ଜାଗରୁକତା ଦିବସ ପାଳନ କରାଯାଇ ସାଧାରଣ ରେ ସଚେତନତା ସୃଷ୍ଟି କରିବା ପାଇଁ ସ୍ଥାନୀୟ ପୋଲିସ ସମେତ ଉଦ୍ଧିଷ୍ଟ ସାଇବର ପୋଲିସ ବିଭାଗ କୁ ନିର୍ଦ୍ଦେଶ ଦିଆଯାଇଛି।

ଚାକିରିଆ, ବେକାର, ଅର୍ଦ୍ଧଶିକ୍ଷିତ ଓ ଏପରିକି ଶିକ୍ଷିତ ଜନସାଧାରଣ ଙ୍କ ଆବେଗିକ ଡିଜିଟାଲ କାରବାରକ୍ଷମତା ଅନେକ ସମୟରେ ଡିଜିଟାଲ ଆରେଷ୍ଟ ର ସମ୍ମୁଖୀନ ହୋଇ ସର୍ବସ୍ୱାନ୍ତ ହେବାର ନଜିର ରହିଛି।

୫ ଜି ଯୁଗରେ ମୋବାଇଲ ମାଧ୍ୟମରେ ମାତ୍ରାଧିକ ଚାଲାଖି ଦେଖାଇବାର ପ୍ରବଣତାରେ ବାନ୍ଧି ହୋଇ ଆପଣା ଡିଜିଟାଲ କାରବାର କରିବା ଅବସରରେ ଇନଷ୍ଟାଣ୍ଟ ଉପାର୍ଜନ କରିବା ପାଇଁ ସାଇବର ଅପରାଧୀଙ୍କ ମିଥ୍ୟା ପ୍ରଲୋଭନର ଶିକାର ହୋଇ ସେମାନଙ୍କ ଡିଜିଟାଲ ଜାଲରେ ବାନ୍ଧି ହେବା ଏବେ ଏକ ନିତ୍ୟ ନୈମିତ୍ତିକ ଘଟଣା ହୋଇଗଲାଣି।

ପ୍ରକାଶ ଥାଉକି, ସମଗ୍ର ଦେଶରେ ସବୁଠାରୁ ଅଧିକ ମହାରାଷ୍ଟ୍ର, ଗୁଜୁରାଟ, ଦିଲ୍ଲୀ ଅଞ୍ଚଳରେ ସାଇବର ଅପରାଧୀଙ୍କ ଅପରାଧିକ ନଜର ଅଧିକ ରହିଛି। ଏଠାରେ ଗତ ୨୦୨୫ ମସିହାରେ ୨୮ ହଜାର ରୁ ୩୦ ହଜାର ମାମଲା ତନାଘନା ପାଇଁ ଥାନାରେ ଏତଲା ହୋଇଥିବାବେଳେ, ସେଥିରେ ଆବଶ୍ୟକ ତ୍ୱରିତ ସତର୍କତାମୂଳକ ତଥ୍ୟ ଉପଲବ୍ଧି ର ଅଭାବ ଦେଖାଦେଇଥିବାରୁ ମାମଲା ଦୁର୍ବଳ ହୋଇ ଅପରାଧୀ ଗିରଫ ପରେ ମଧ୍ୟ ତଥ୍ୟ ପ୍ରମାଣ ଅଭାବ ଆଧାର ରେ ନିର୍ଦ୍ଦୋଷରେ ଆସି ଯାଉଥିବା ଜଣାଯାଇଛି। ସୂଚନାଯୋଗ୍ୟ ସମଗ୍ର ଦେଶର ବିଭିନ୍ନ କ୍ଷେତ୍ରରେ ସାଇବର ଅପରାଧୀଙ୍କ ଦ୍ୱାରା ଗତ ୨୦୨୫ ମସିହାରେ ୨୬୫ ମିଲିଅନ ଥର ଛୋଟବଡ ସାଇବର ଆଟାକ ମଧ୍ୟ ହୋଇଥିବାବେଳେ ଅପରାଧୀଙ୍କୁ ପୋଲିସ ଧରି ଉପଯୁକ୍ତ ପ୍ରମାଣ ଆଧାରରେ ଉପଯୁକ୍ତ ଦଣ୍ଡ ଦେବାରେ ଶତକଡା ୨୬ ପ୍ରତିଶତ ଯାଏଁ ସଫଳ ହୋଇଥିବା ଏକ ଅଣ ଆନୁଷ୍ଠାନିକ ସୂତ୍ରରୁ ପ୍ରକାଶ ଅଟେ। ଡିଜିଟାଲ ଅପରାଧ ର ଶିକାର ଅସହାୟ ମଣିଷ ଟି ଘଟଣା ସମ୍ପର୍କରେ ତ୍ୱରିତ ପଦକ୍ଷେପ ସ୍ୱରୂପ ୧୯୦୩ ହେଲ୍ପ ଲାଇନ ସହଯୋଗ ନେବା ସହିତ ସାଇବର ଥାନା ର ସହଯୋଗ ନେବାପାଇଁ ଅନେକ ସମୟରେ ହଡବଡେଇ ଯାଉଥିବାବେଳେ, କ୍ରମ୍ବର୍ଦ୍ଧିଷ୍ଣୁ ସାଇବର ଅପରାଧ ତୁଳନାରେ ସାଇବର



ଥାନାର ସଂଖ୍ୟା ତଥା ଏଥିରେ କାର୍ଯ୍ୟରତ ସାଇବର କର୍ମଚାରୀ ତଥା ପଦସ୍ଥ ସାଇବର ବିଶେଷଜ୍ଞ ନଗଣ୍ୟ ଅଟନ୍ତି। ସୂଚନାଯୋଗ୍ୟ ଓଡ଼ିଶାରେ ପୂର୍ବରୁ ୧୪ ଟି ସାଇବର ଥାନା ରହିଥିବାବେଳେ ଏବେ ଏହା ସହିତ ଅଧିକ ୨୦ ଟି ସାଇବର ଥାନା ଯୋଡି ହୋଇଥିବା ପ୍ରକାଶ। ତେବେ ରାଜ୍ୟରେ ଗତ ୨୧ ମାସ ମଧ୍ୟରେ ମୋଟ ୫୪୫୧ଟି ସାଇବର କେଶ ଆନୁଷ୍ଠାନିକ ଭାବେ ପଞ୍ଜିକରଣ ହୋଇଥିବା ରିପୋର୍ଟ କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝି ନିକଟରେ (୩୦ ମାର୍ଚ୍ଚ,୨୦୨୫) ରାଜ୍ୟ ବିଧାନସଭାରେ ଉପସ୍ଥାପନ କରିଥିବା ପ୍ରକାଶ। ଏଥିରୁ ଗତ ୨୦୨୫ ମସିହାରେ କେବଳ ୨୮୦୩ ଟି ସାଇବର ମାମଲା ପଞ୍ଜିକରଣ ହୋଇଛି। ତେବେ ନାସନାଲ ସାଇବର କ୍ରାଇମ ପୋର୍ଟାଲ ରେ ମୋଟ ୪୯ ହଜାର ୪୨୬ ଟି ବିଭିନ୍ନ ସାଇବର ଅଭିଯୋଗ କରାଯାଇଅଛି। ଏଥିରେ ସମୁଦାୟ ୪୩୨ କୋଟି ଆର୍ଥିକ ଠକେଇ ଅଭିଯୋଗ ଉଲ୍ଲେଖ ରହିଥିବା ସୂଚନା ରୁ ପ୍ରକାଶ।

ଏତଦବ୍ୟତୀତ ସମଗ୍ର ଦେଶରେ ଗତ ୨୦୨୪ରେ ୨୨୬୮ ଲକ୍ଷ ମାମଲା ରୁଜୁ ହୋଇଥିବା ବେଳେ ଗତ ୨୦୨୫ ମସିହାରେ ୨୮.୧୫ ଲକ୍ଷ ସାଇବର ମାମଲା ରୁଜୁ ହୋଇଥିବା ପ୍ରକାଶ। ଗତ ୨୦୨୫ ମସିହାରେ ଏହି ସାଇବର ମାମଲାରେ କେବଳ ୨୨ ହଜାର ୪୯୫ କୋଟି ଆର୍ଥିକ ଠକେଇ ହୋଇଥିବା ପ୍ରକାଶ। ଏଥିରେ ବିଶେଷ କରି ସାମାଜିକ ଗଣମାଧ୍ୟମର ଦୁରୁପଯୋଗ କରିସାଇବର ଅପରାଧୀ ମାନଙ୍କ ଦ୍ୱାରା ୟୁପିଆଇ ଠକେଇ, ଡିଜିଟାଲ ବ୍ଲାକମେଲ, ଇନଭେଷ୍ଟମେଣ୍ଟ ସ୍କାମ ପରି ଗୁରୁତ୍ୱପୂର୍ଣ୍ଣ ସାଇବର ଠକେଇ ଅନ୍ତର୍ଭୁକ୍ତ ଅଟେ।

ତେବେ ଆମ ରାଜ୍ୟ ଓଡ଼ିଶା କଥା ଦେଖିଲେ, ଜଣାଯାଏ,ଗତ ୫ ବର୍ଷ ମଧ୍ୟରେ ସାଇବର ଅପରାଧ ମାମଲା ରେ ଦୋଷୀ ସାବ୍ୟସ୍ତ ଙ୍କ ସଂଖ୍ୟା ୪୯ ଥିବାବେଳେ ନିର୍ଦ୍ଦୋଷଙ୍କ ସଂଖ୍ୟା

୪ଶହ ରହିଛି। ଏକ ପରିସଂଖ୍ୟାନରୁ ଜଣାଯାଇଛି, ଅନଲାଇନରେ ଆର୍ଥିକ ଠକେଇ, ସାମାଜିକ ଗଣମାଧ୍ୟରେ

ମଧୁର ସମ୍ପର୍କ ସ୍ଥାପନ କରି ପରେ ଯୌନ ଶୋଷଣର ଶିକାର ପୀଡ଼ିତ/ ପୀଡ଼ିତା ( ସଂଖ୍ୟାଧିକ)କୁ ସାଇବର ଜାଲରେ ଛନ୍ଦି ଦେଇ ଆର୍ଥିକ ଶୋଷଣ କରୁଥିବା ସାଇବର ଅପରାଧୀଙ୍କ ସଂଖ୍ୟା ଏବେ ଦିନକୁଦିନ ବଢ଼ିଚାଲିଥିବାବେଳେ ଏହି କାରଣରୁ ବହୁ ଭଲ ପରିବାର ଅକାଳରେ ଉଜୁଡି ଯାଉଛି। ତଥ୍ୟ ମୁତାବକ, ଗତ କରୋନା ସମୟରେ ସାମାଜିକ କଟକଣା ଚାପରେ ଜନସାଧାରଣ ଘରୁ ବାହାରକୁ ବାହାରି ନପାରି ଖାଦ୍ୟ ସାମଗ୍ରୀ କିଣିବା, ଅନଲାଇନ ଗେମ୍ ଖେଳିବାରେ ତଥା ସାମାଜିକ ଗଣମାଧ୍ୟମରେ ଅଧିକ ସମୟ ବିତାଇବାରେ ଜଡ଼ିତ

ରହିବା ଏକ ସାଧାରଣ ଘଟଣା ହୋଇଥିଲା। ଏହାର ସୁଯୋଗରେ ସାଇବର ଅପରାଧୀଙ୍କ ଅଭିନବ ଠକେଇ କ୍ରମାଗତ ବୃଦ୍ଧି ହୋଇଥିଲା। ଆମ ରାଜ୍ୟରେ ଗତ ୫ ବର୍ଷ ପୂର୍ବେ ଝାଡ଼ଖଣ୍ଡ ଜିଲ୍ଲା ଜାମତାରାରୁ ସାଇବର ଅପରାଧୀଙ୍କର ଅପରାଧିକ ଜାଲ ବିଛାଇଥିଲେ। ହେଲେ ଏଥିରେ ଏହା ଆମ ପଡ଼ୋଶୀ ପଶ୍ଚିମ ବଙ୍ଗ, ସମେତ ଦିଲ୍ଲୀ, ଉତ୍ତରପ୍ରଦେଶ ରାଜ୍ୟ ଯୋଡ଼ି ହୋଇଯାଇଥିବା ସୂଚନା ମିଳେ।

ସାଇବର ଅପରାଧୀଙ୍କ ଅପରାଧିକ ପୃଷ୍ଠଭୂମି ସମେତ ଦୋଷୀ ସାବ୍ୟସ୍ତ ହେବା ପାଇଁ ଆବଶ୍ୟକ ତ୍ୱରିତ ପଦକ୍ଷେପ ପାଇଁ ପ୍ରାମାଣିକ ତଥ୍ୟ ଆଧାରରେ ପୀଡ଼ିତ ଙ୍କ ସାଇବର ସଚେତନତା ତଥା ତ୍ୱରିତ ସହଯୋଗିତା ନିତାନ୍ତ ଜରୁରୀ। ଚତୁର ଅପରାଧୀ ଭଡ଼ାରେ୍ୟାଙ୍କ ଆକାଉଣ୍ଟ ଆଣି ସେଥିରେ ଅର୍ଥ କାରବାର କରୁଥିବାରୁ ପ୍ରକୃତ ଅପରାଧୀ ପାଖରେ ପୋଲିସ ପହଞ୍ଚିବା କେବଳ କଷ୍ଟକର ହେଉନାହିଁ,ବସ୍ତ ଆହ୍ୱାନ ସୃଷ୍ଟି କରୁଅଛି। ଭିପିଏନ( ଭର୍ଚୁଆଲ ପ୍ରାଇଭେଟ୍ ନେଟ ଓ୍ୱାର୍କ) ବ୍ୟବହାର କରାଯାଉଥିବାରୁ କମ୍ପୁଟର ଓ ମୋବାଇଲ ର ପ୍ରକୃତ 'ଆଇ ପି '( ଇଣ୍ଟରନେଟ ପ୍ରୋଟୋକଲ) ଠିକଣା ଠାବ କରିବା ଦୁଃସାଧ୍ୟ ହୋଇପଡୁଛି। ଏତଦବ୍ୟତୀତ ଜାଲି ବ୍ୟାଙ୍କ ଆକାଉଣ୍ଟ ଓ ଅନଲାଇନରେ ମିଳୁଥିବା ମୋବାଇଲ ନମ୍ବର ମାଧ୍ୟମରେ ସାଇବର ଅପରାଧ ଘଟୁଥିବାରୁ ଅପରାଧୀଙ୍କୁ ଠାବ କରିବା ସହିତ ବୈଷୟିକ ପ୍ରମାଣ କୋର୍ଟରେ ଦାଖଲ କରିବା ଭାରି ମୁସ୍କିଲ ହେଉଥିବାରୁ ମାମଲାରେ ଅଭିଯୁକ୍ତ ଙ୍କୁ ଦୋଷୀ ସାବ୍ୟସ୍ତ କରିବା ଆଶା କ୍ଷୀଣ ହୋଇଯାଉଛି।

ତେବେ ଶେଷରେ ଏତିକି କୁହାଯାଇପାରେ, ସାଇବର ସଚେତନତା ସହିତ ବୈଷୟିକ ଜ୍ଞାନ ଆହରଣ ନିହାତି ଆବଶ୍ୟକ। ୫ ଜି ଡିଜିଟାଲ ଯୁଗରେ ସମସ୍ତେ ଶିକ୍ଷିତ, ସାଇବର ଜଗରୁକ ହେବା ବିଧେୟ। ଅଯଥା ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଡିଜିଟାଲ ଆରେଷ୍ଟ ହେଲେ ତୁରନ୍ତ ପାଖ ପୋଲିସ ଥାନା ଅଧିକାରୀ, ସାଇବର ବିଶେଷଜ୍ଞ ଙ୍କ ସହଯୋଗ ଲୋଡ଼ିବା ସହିତ ଘଟଣା ପଛ ସଠିକ କାରଣ ଓ ସତକଥାର ଉପସ୍ଥାପନା ସହିତ ପରିଣାମ ର ସାମନା କରିବା ମଧ୍ୟ ଜରୁରୀ। ଇଣ୍ଟରନେଟ ପ୍ରୋଟୋକଲ ଅନୁଯାୟୀ ସାମାଜିକ ଗଣମାଧ୍ୟମ ବ୍ୟବହାର, କମ୍ପ୍ୟୁଟର, ମୋବାଇଲ ବ୍ୟବହାର କାଳରେ ସାବଧାନତା ଓ ସତତ ଜାଗ୍ରତ ରହିଲେ ଆମେ ସାଇବର ଅପରାଧୀଙ୍କ ଅଡୁଆ ଜାଲରେ ଅଯଥା ଫସ୍ମି ନାହିଁ।

ସ୍ତମ୍ଭକାର
ନାଟୁଣୀ,ଖୋର୍ଦ୍ଧା,ପିନ :- ୭୫୨୦୩୪
(୭୩୭୦୪୯୫୯୪୪)
mailpariprakas
@gmail.com

## ଫୁଲନଖରାରେ ଟ୍ରାଫିକ ପୁଲିସର ଆକ୍ସନ ମୋଡ୍

# ନିଶାସକ୍ତ ଚାଳକଙ୍କୁ ଧରିବାକୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିଲା ଚେକିଂ



**ଫୁଲନଖରା,୨୩।୫ :** ସଡ଼କ ଦୁର୍ଘଟଣା ରୋକିବା ସହ ସାଧାରଣ ଲୋକଙ୍କ ଜୀବନ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଟ୍ରାଫିକ ପୁଲିସ ପକ୍ଷରୁ ଫୁଲନଖରାଛକରେ କଡ଼ାକଡ଼ି 'ଡ୍ରିଙ୍କ ଆଣ୍ଡ ଡ୍ରାଇଭ୍' ଚେକିଂ କରାଯାଇଛି। ଟ୍ରାଫିକ ଇନ୍ସପେକ୍ଟର ରଞ୍ଜନ କୁମାର ଡୋରାଙ୍କ ନେତୃତ୍ୱରେ ଏହି ବିଶେଷ ଚେକିଂ ଅଭିଯାନ ଚାଲିଥିବା ବେଳେ ବହୁ ସଂଖ୍ୟକ ପୁଲିସ କର୍ମଚାରୀ ଓ ଟ୍ରାଫିକ ବିଭାଗର ଅଧିକାରୀମାନେ ସାମିଲ ହୋଇଥିଲେ। ସୂଚନା ଅନୁସାରେ, ରାତି ସମୟରେ ବେପରୁଆ ଗାଡ଼ି ଚଳାଚଳ, ନିଶାସକ୍ତ ଅବସ୍ଥାରେ ଡ୍ରାଇଭିଂ ଓ ଦୁର୍ଘଟଣା ବୃଦ୍ଧି ପାଉଥିବା ଘଟଣାକୁ ନଜରରେ ରଖି ଫୁଲନଖରାଛକରେ ଏହି ବ୍ୟାପକ ଚେକିଂ ବ୍ୟବସ୍ଥା କରାଯାଇଥିଲା। ଚେକିଂ ସମୟରେ ଦୁଇଚକିଆ ଓ ଚାରିଚକିଆ ଯାନଗୁଡ଼ିକୁ ଅଟକାଇ ଚାଳକମାନଙ୍କର ଡକ୍ୟୁମେଣ୍ଟ ଯାଞ୍ଚ କରାଯାଇଥିବା ବେଳେ ବ୍ରେଥ ଆନାଲାଇଜର ମାଧ୍ୟମରେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକଙ୍କୁ ଚିହ୍ନଟ କରାଯାଇଥିଲା।ନିୟମ ଉଲ୍ଲଂଘନ କରୁଥିବା କେତେକ ଚାଳକଙ୍କ ବିରୋଧରେ ମୋଟର ଭେହିକଲ ଆଇନ ଅନୁଯାୟୀ ଜୋରିମାନା ସହ ଆବଶ୍ୟକ ଆଇନାନୁଗ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ଏହି ଅଭିଯାନ ମଧ୍ୟରାତ୍ରି ପର୍ଯ୍ୟନ୍ତ ଜାରି ରହିବ ବୋଲି ଟ୍ରାଫିକ ବିଭାଗ ପକ୍ଷରୁ ସୂଚନା ମିଳିଛି। ଟ୍ରାଫିକ ଇନ୍ସପେକ୍ଟର ରଞ୍ଜନ କୁମାର ଡୋରା କହିଛନ୍ତି ଯେ, "ସଡ଼କ ସୁରକ୍ଷା ସମସ୍ତଙ୍କର ଦାୟିତ୍ୱ। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇବା କେବଳ ନିଜ ଜୀବନକୁ ନୁହେଁ, ଅନ୍ୟ ନିର୍ଦ୍ଦୋଷ ଲୋକଙ୍କ ଜୀବନକୁ ମଧ୍ୟ ବିପଦରେ ପକାଏ। ତେଣୁ ସମସ୍ତେ ଟ୍ରାଫିକ ନିୟମ ମାନି ସଚେତନ ଭାବେ ଗାଡ଼ି ଚଳାଇବା ଆବଶ୍ୟକ। ପୁଲିସ ପକ୍ଷରୁ ସମସ୍ତ ଗାଡ଼ି ଚାଳକଙ୍କୁ ଅନୁରୋଧ କରାଯାଇଛି ଯେ, ଗାଡ଼ି ଚଳାଇବା ସମୟରେ କୌଣସି ପ୍ରକାର ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ, ହେଲମେଟ ଓ ସିଟବେଲ୍ଟ ବ୍ୟବହାର କରନ୍ତୁ ଏବଂ ଟ୍ରାଫିକ ନିୟମକୁ କଡ଼ାକଡ଼ି ଭାବରେ ପାଳନ କରନ୍ତୁ। ସ୍ଥାନୀୟ ଅଞ୍ଚଳରେ ପୁଲିସର ଏହି କଡ଼ା ପଦକ୍ଷେପକୁ ସାଧାରଣ ଲୋକମାନେ ସ୍ୱାଗତ କରିଥିବା ବେଳେ, ଏପରି ନିୟମିତ ଚେକିଂ ଅଭିଯାନ ଦ୍ୱାରା ସଡ଼କ ଦୁର୍ଘଟଣା ହ୍ରାସ ପାଇବ ବୋଲି ମତ ପ୍ରକାଶ ପାଇଛି।

## ବାବାଜୀଙ୍କ ଗଳିତ ଶବ ଉଦ୍ଧାର ଘଟଣା
# ତଦନ୍ତ ଦାବି କଲା ସମଗ୍ର ହିନ୍ଦୁ ସମାଜ



**ବେଗୁନିଆପଡା, ୨୩।୫ :** ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ଥାନା ଅନ୍ତର୍ଗତ ବେଗୁନିଆପଡ଼ା ସ୍ଥିତ ନୂଆଁ ଡେରା ସାହିରେ ଗତ ୧୯ ତାରିଖ ଦିନ ଜଣେ ବ୍ୟକ୍ତିଙ୍କର ଗଳିତ ଶବ ଉଦ୍ଧାର କରିଥିଲା ପୋଲିସ। ପରିତ୍ୟକ୍ତ ଅବସ୍ଥାରେ ଶବଟି ପଡି ରହିଥିବା ବେଳେ ବେଗୁନିଆପଡ଼ା ଥାନା ଅଧିକାରୀ ଭଗବାନ ପୂଜାରୀଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଟିମ୍ ପହଞ୍ଚି ଶବକୁ ଉଧାର କରି ପୋଷ୍ଟ ମୋଟମ୍ ପାଇଁ ପଠାଇଥିଲେ । ତେବେ କେଉଁ ପରିସ୍ଥିତିରେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲା ଏବଂ କିପରି ଘଟିଲା ସେ ନେଇ ସ୍ପଷ୍ଟ ସୂଚନା ମିଳି ନଥିଲା । କିମ୍ବା କେହି କିଛି ଅଭିଯୋଗ କରିନଥିଲେ । ଫଳରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଶନିବାର ଦିନ ସମଗ୍ର ହିନ୍ଦୁ ସମାଜ ବେଗୁନିଆପଡା ଶାଖା ପକ୍ଷରୁ ବେଗୁନିଆପଡା ଥାନାରେ ପହଂଚି ଏକ ଏତଲା ଦେଇଛନ୍ତି । ସେମାନଙ୍କ ଦାବି ହେଲା ଏହାକୁ ସୁଚିନ୍ତିତ ହତ୍ୟା ଘଟଣା, ତେଣୁ ଉକ୍ତ ଘଟଣା ର ତଦନ୍ତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଏତଲା ପାଇବା ପରେ ପୋଲିସ ନିକଟରେ ଥିବା ସି ସି ଟି ଭି ଯାଞ୍ଚ ପାଇଁ ପଦକ୍ଷେପ ନେବା ସହ ସମ୍ପୃକ୍ତ ବ୍ୟକ୍ତି ରହୁଥିବା ଘରୁ ଏକ ଟିଣ ବାକ୍ସ ଆଣିବା ସହ ବାକ୍ସ ଖୋଲି ତଦନ୍ତ ଜାରି ରଖିଛି । ପ୍ରକାଶ ଥାଉ କି ମୃତ ବ୍ୟକ୍ତି ଜଣକ ହେଲେ କୋଦଳା ଥାନା ମର୍ଦ୍ଦକୋଟର ଭାସ୍କର ନାୟକ ବୋଲି ସୂଚନା ମିଳିଛି । ରାମାନନ୍ଦ ସମ୍ପ୍ରଦାୟର ବାବାଜୀ ଦୀକ୍ଷା ଗ୍ରହଣ କରି ଭକ୍ତି ଚରଣ ଦାସ ନାମରେ ପରିଚିତ ଥିଲେ । ଦୀର୍ଘ ଦିନ ଧରି ବେଗୁନିଆପଡ଼ା ସ୍ଥିତ ଅଖଣ୍ଡ ନାମରେ ହରିନାମ ସଂକୀର୍ତ୍ତନ କାର୍ଯ୍ୟ କରୁଥିଲେ ।

# 'ଲାଇଟ୍ନିଂ ସେଫ୍ ନର୍ଥ ଓଡ଼ିଶା' ମାଷ୍ଟର ଟ୍ରେନର ୱାର୍କସପ୍ ଅନୁଷ୍ଠିତ

## ବଜ୍ରପାତ ଜନିତ ମୃତ୍ୟୁ ରୋକିବାକୁ ପ୍ରସ୍ତୁତ ହେବ ସ୍ୱତନ୍ତ୍ର ଏସଓପି



**ବାଲେଶ୍ୱର,୨୩।୫ :** ଉତ୍ତର ଓଡ଼ିଶାରେ ବଜ୍ରପାତ ଜନିତ ବିପଦକୁ ହ୍ରାସ କରିବା ସହ ଜନଜୀବନର ସୁରକ୍ଷା ପାଇଁ 'ଲାଇଟ୍ନିଂ ସେଫ୍ ନର୍ଥ ଓଡ଼ିଶା: ମାଷ୍ଟର ଟ୍ରେନର ୱାର୍କସପ୍' ନାମକ ଏକ ପ୍ରମୁଖ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଫକୀର ମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (OSDMA) ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏହି ଏକଦିବସୀୟ ୱାର୍କସପ୍ ଆୟୋଜିତ ହୋଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଏବଂ କେନ୍ଦୁଝର ଜିଲ୍ଲାର ବ୍ଲକ ସ୍ତରୀୟ ଅଧିକାରୀ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ (DEO) ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ (DPO)ମାନେ ଯୋଗଦେଇ ବଜ୍ରପାତ ମୁକାବିଲା ପାଇଁ ବୈଷୟିକ ରଣନୀତି ଉପରେ ଆଲୋଚନା କରିଥିଲେ। ବୈଷୟିକ ଅଧିବେଶନରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋରଞ୍ଜନ ମିଶ୍ର 'ଉତ୍ତର ଓଡ଼ିଶାରେ ବଜ୍ରପାତ ଜନିତ ମୃତ୍ୟୁ ହ୍ରାସ କରିବା: ପ୍ରମାଣ-ଭିତ୍ତିକ ରଣନୀତି ଓ ସମାଧାନ' ବିଷୟରେ ଆଲୋକପାତ କରିଥିଲେ। ବଜ୍ରପାତର ସଠିକ ପୂର୍ବାନୁମାନ ଓ ନିରୀକ୍ଷଣ ପାଇଁ ବୈଜ୍ଞାନିକ ପ୍ରଣାଳୀ ବ୍ୟବହାର ସମ୍ପର୍କରେ ଘଜଝଉ ର ଡକ୍ଟର ଆଲୋକ ତାଓରି ଓ ଭାରତୀୟ ପାଣିପାଗ ବିଭାଗ (IMD)ର ବୈଜ୍ଞାନିକମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।ସେହିପରି ପ୍ରତିରୋଧକ ଇଞ୍ଜିନିୟରିଂ କୌଶଳ ମାଧ୍ୟମରେ କିପରି ଲୋକ ଓ ସମ୍ପତ୍ତିକୁ ସୁରକ୍ଷିତ ରଖାଯାଇପାରିବ, ସେନେଇ ଓଉଉ ର ସଦସ୍ୟ ଡକ୍ଟର ଗୋପ କୁମାର ନିଜ ମତ ରଖିଥିଲେ।ପ୍ରତ୍ୟେକ ଜିଲ୍ଲା ପାଇଁ ସ୍ୱତନ୍ତ୍ର 'ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର' (SOP) ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଚାରିଟି ଭିନ୍ନ ଭିନ୍ନ ବିଷୟଭିତ୍ତିକ ଗୋଷ୍ଠୀ ଗଠନ କରାଯାଇ ମନ୍ଥନ କରାଯାଇଥିଲା। ଏଥିରେ ବଜ୍ରପାତ ଜନିତ ମୃତ୍ୟୁର ସ୍ୱରୂପ, ସତର୍କ ସୂଚନାର ସଠିକ ବ୍ୟବହାର, ସଂବେଦନଶୀଳ ଅଞ୍ଚଳ ଚିହ୍ନଟ ଏବଂ ଗ୍ରାମାଞ୍ଚଳରେ ଶେଷ ମୁହୂର୍ତ୍ତରେ ସୂଚନା ପହଞ୍ଚାଇବା ପାଇଁ 'ଲାଷ୍ଟ ମାଇଲ୍ କନେକ୍ଟିଭିଟି' ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ୱାର୍କସପରେ ବଜ୍ରପାତ ଜନିତ ଦୁର୍ଘଟଣା ହ୍ରାସ ପାଇଁ ଆଧୁନିକ ପ୍ରଯୁକ୍ତି, ସଚେତନତା ଓ ସମନ୍ୱିତ ପ୍ରଶାସନିକ ପଦକ୍ଷେପକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା।

## ଆକାଶରୁ ଖସିଲା ରହସ୍ୟମୟ ନୀଳ ପଥର
# ପରୀକ୍ଷା ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ନେଲେ ଗବେଷକ



**ନୀଳଗିରି,୨୩।୫ :** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଛତ୍ରପୁର ଗ୍ରାମରେ ଏକ ଅଦ୍ଭୁତ ଘଟଣା ଦେଖିବାକୁ ମିଳିଛି। ଆକାଶରୁ ଗାଢ଼ ନୀଳ ରଙ୍ଗର ଏକ ପଥର ଖସିପଡ଼ିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପଥରଟିକୁ ଦେଖି ଅଞ୍ଚଳବାସୀ ଆଶ୍ଚର୍ଯ୍ୟ ହେବା ସହ କେହି କେହି ଆତଙ୍କିତ ମଧ୍ୟ ହୋଇପଡ଼ିଥିଲେ। ସୂଚନା ଅନୁଯାୟୀ, ଛତ୍ରପୁର ଗ୍ରାମର ଜୟନ୍ତ ଦାସ ଗତ ୧୮ ତାରିଖରେ ଘର ବାହାରେ ପରିବାର ସହ ବସି କଥାବାର୍ତ୍ତା କରୁଥିବା ବେଳେ ହଠାତ୍ ଏକ ଅଜଣା ପଥର ଘରର ଆଜବେଷ୍ଟ ଛାଦ ଉପରେ ପଡ଼ିଥିଲା। ପରେ ଏହା ଗଡ଼ି ତଳକୁ ଖସି ପଡ଼ିଥିଲା। ପଥରଟିର ଗାଢ଼ ନୀଳ ରଙ୍ଗ ଓ ଅସାମାନ୍ୟ ଆକୃତି ଦେଖି ପରିବାର ସଦସ୍ୟମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।ଘଟଣାର ଖବର ପାଇ ଫକୀରମୋହନ ବିଶ୍ୱବିଦ୍ୟାଳୟର କିଛି ଗବେଷକ ଘଟଣାସ୍ଥଳରେ ପହଞ୍ଚି ପଥରଟିକୁ ସଂଗ୍ରହ କରିଥିଲେ। ଏହା କୌଣସି ଉଲ୍କାଖଣ୍ଡ କିମ୍ବା ଅନ୍ୟ କୌଣସି ଖଣିଜ ପଦାର୍ଥ କି ନୁହେଁ, ସେନେଇ ପରୀକ୍ଷା କରାଯିବ ବୋଲି ଜଣାପଡ଼ିଛି।

# ଶାରୀରିକ ଦିବ୍ୟାଙ୍ଗ ଛାତ୍ରଙ୍କ ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ସଫଳତା




**ଚିକିଟୀ,୨୩।୫ :** ହରିଶ୍ଚନ୍ଦ୍ର ସେଠୀ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଙ୍କ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ କଳା ବିଭାଗର ବାର୍ଷିକ ପରୀକ୍ଷା ୨୦୨୫–୨୬ ରେ ଗଞ୍ଜାମ ଜିଲ୍ଲା ଚିକିଟୀ ବ୍ଲକ୍ ର ଶାରୀରିକ ଦିବ୍ୟାଙ୍ଗ ଛାତ୍ର ସୁନୀତ କୁମାର ମହାରଣା ୮୦.୮୩ ଓ ଗଣେଶ ସାହୁ ୭୪ ଶତକଡା ନମ୍ବର୍ ରଖି ଉତ୍ତୀର୍ଣ୍ଣ ହୋଇ ସମସ୍ତଙ୍କ ପ୍ରଶଂସା ଅର୍ଜନ କରିଛନ୍ତି। ସେମାନଙ୍କର ଏହି କୃତିତ୍ୱ ଚିକିଟୀ ଅଞ୍ଚଳରେ ଖୁସିର ପରିବେଶ ସୃଷ୍ଟି କରିଛି। ଶାରୀରିକ ସମସ୍ୟା ଥିବା ସତ୍ତ୍ୱେ କେବେହେଲେ ନିଜର ମନୋବଳ ହରାଇ ନଥିଲେ ଏହି ଦୁଇ ଦିବ୍ୟାଙ୍ଗ ଛାତ୍ର। ନିୟମିତ ଅଧ୍ୟୟନ, ଦୃଢ଼ ସଙ୍କଳ୍ପ ଓ କଠିନ ପରିଶ୍ରମ ଦ୍ୱାରା ଏହି ସଫଳତା ହାସଲ କରିଛନ୍ତି ବୋଲି ଖୁସିରେ ମତ ପ୍ରଦାନ କରିଛନ୍ତି। ଉଭୟ ଛାତ୍ରଙ୍କ ସଫଳତାରେ ତାଙ୍କ ପରିବାର, ବନ୍ଧୁ ପରିଜନ, ଶିକ୍ଷକ ଓ ସହପାଠୀମାନେ ଗର୍ବ ଅନୁଭବ କରିଛନ୍ତି। ଶିକ୍ଷକମାନେ କହିଛନ୍ତି ଯେ, ଉଭୟ ପରିଶ୍ରମୀ ଓ ଶିଷ୍ଟ ଛାତ୍ର ଥିଲେ। ପରୀକ୍ଷା ପାଇଁ ଦୁହେଁ ଅତ୍ୟନ୍ତ ନିଷ୍ଠାର ସହ ପ୍ରସ୍ତୁତି କରିଥିଲେ। ତାଙ୍କର ଏହି ସଫଳତା ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ହୋଇଛି। ସୁନିତ୍ ଙ୍କ ପିତା ଈଶ୍ୱର ମହାରଣା ଓ ଗଣେଶଙ୍କ ପିତା ରଘୁନାଥ ନିଜର ଦିବ୍ୟାଙ୍ଗ ପୁଅର ଏହି ସଫଳତାରେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିବା ସହ ବିଦ୍ୟାଳୟର ସମସ୍ତ କର୍ମଚାରୀ, ପୁଅର ସାଙ୍ଗସାଥୀ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମକର୍ତ୍ତାମାନଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଭବିଷ୍ୟତରେ ଆହୁରି ଅଧିକ ପରିଶ୍ରମ କରି ଏହି ଅଞ୍ଚଳ, ରାଜ୍ୟ ତଥା ଦେଶର ସୁନାମ ରଖିବା ସହ ଅନ୍ୟ ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ପନ୍ନଗ ଭୂଷଣ ମାଝୀ ଦୁଇ ଦିବ୍ୟାଙ୍ଗ ଛାତ୍ରଙ୍କ ଉଦ୍ଦେଶ୍ୟରେ ମତ ପ୍ରଦାନ କରିଥିବା ସହ ସେମାନଙ୍କର ଏହି ସଫଳତା ପାଇଁ ସାଧୁବାଦ ଜଣାଇଛନ୍ତି।

# କତୁରୁ ପଞ୍ଚାୟତର ଉପକୂଳବର୍ତ୍ତୀ ଗ୍ରାମରେ ମକ୍ ଡ୍ରିଲ୍ ଓ ପ୍ରଶିକ୍ଷଣ



**ଚିକିଟୀ,୨୩।୫ :** ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ସାମ୍ନାରେ ଉପକୂଳବର୍ତ୍ତୀ ଲୋକଙ୍କୁ ସଚେତନ ଓ ପ୍ରସ୍ତୁତ କରିବା ଲକ୍ଷ୍ୟରେ ଚିକିଟୀ ବ୍ଲକ ଅନ୍ତର୍ଗତ କତୁରୁ ପଞ୍ଚାୟତର ରାମେୟାପାଟଣା ଓ ଅଲାଡ଼ୀପୁର ଗ୍ରାମରେ ଏକ ବ୍ୟାପକ ସୁନାମୀ ସଚେତନତା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଚିକିଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିବେକାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଉଭୟ ଗ୍ରାମର ନାଇଡୁ ଏବଂ ଗ୍ରାମବାସି ମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଶ୍ରଦ୍ଧା ଏନଜିଓର ସଭାପତି ପ୍ରଦୀପ ପଣ୍ଡା ଉପସ୍ଥିତ ରହି ସମୁଦ୍ରତଟବର୍ତ୍ତୀ ଅଞ୍ଚଳରେ ସମ୍ଭାବ୍ୟ ସୁନାମୀ ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ନିଜକୁ ଓ ପରିବାରକୁ ସୁରକ୍ଷିତ ରଖିହେବ, ସେ ସମ୍ପର୍କରେ ଗ୍ରାମବାସୀଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ। ସୁନାମୀ କ'ଣ ? ଏହାର ପ୍ରଭାବ କେତେ ଭୟାବହ ହୋଇପାରେ ଓ ସଚେତନତା ସୂଚନା ମିଳିବା ପରେ ୩୦ରୁ ୪୦ ମିନିଟ୍ ? ମଧ୍ୟରେ କିପରି ନିକଟସ୍ଥ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ ହେବା ଆବଶ୍ୟକ — ସେଥିପାଇଁ ପଦକ୍ଷେପ ମାନଙ୍କୁ ମଧ୍ୟ ହାତକଳମରେ ବୁଝାଇ ଦିଆଯାଇଥିଲା। ଏହି ଅବସରରେ ଏକ ମକ୍ ଡ୍ରିଲ୍ ? ଆୟୋଜନ କରାଯାଇଥିବା ବେଳେ ଡିପିଓ ଦେବେନ୍ଦ୍ର ନାୟକ, ପିଇଓ ରଶ୍ମିତା ନାୟକ, ନୂତନ ଓଡ଼ିଶା ଆରଏଫର ୮ମ ବାଟାଲିୟନ ହାବିଲଦାର ଅନିଲ ନାୟକ, ସିପାହୀ ପ୍ରମୋଦ ଗୌଡ଼, ଶରତ ଚନ୍ଦ୍ର ନାୟକ, କେ. ଦେବେନ୍ଦ୍ର ରେଡ୍ଡୀ ଓ ପି. ଦେବେନ୍ଦ୍ର ରେଡ୍ଡୀ ପ୍ରମୁଖ ଲୋକଙ୍କୁ ଜରୁରୀକାଳୀନ ସ୍ଥିତିରେ ଉଦ୍ଧାର ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରାୟୋଗିକ ଡେମୋ ଦେଇ ସଚେତନ କରାଇଥିଲେ। ଚିକିଟୀ ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ପ୍ରଦୀପ କୁମାର ପଟ୍ଟନାୟକ ଓ ତାଙ୍କ ଚାରିଜଣ ସହକର୍ମୀ, ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଏମବିକେ, ସିଆରପି, ପ୍ରାଣୀମିତ୍ର, କୃଷିମିତ୍ର, ଶିକ୍ଷକ, ଛାତ୍ରଛାତ୍ରୀ ଓ ଗ୍ରାମବାସୀମାନେ ସମଗ୍ର ଗ୍ରାମ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ। ଏହାସହ ଗଞ୍ଜାମ ଜିଲ୍ଲା ଆପଦ ମିତ୍ର ସମିତା ସେଠୀ ଓ ଅର୍ପିତା ପଣ୍ଡା ଉପସ୍ଥିତ ରହି ବିପର୍ଯ୍ୟୟ ସମୟରେ କିପରି ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବ, ସେଥିର ନମୁନା ପ୍ରଦର୍ଶନ କରିଥିଲେ।

# ହଡ଼ଗଡ଼ ମେଡିକାଲରେ ଗର୍ଭାଶୟ କ୍ୟାନ୍ସର ଟିକାକରଣ

**ହାଟଡିହି,୨୩।୫ :** ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ହଦଗଡ଼ ମେଡିକାଲରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ କ୍ରମେ ଗର୍ଭାଶୟ ମୁଖ କର୍କଟ ପ୍ରତିରୋଧ ପାଇଁ ଏଚ ପି ଭି ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ରେ ହଦଗଡ଼ ମେଡିକାଲ ଅଫିସର ଡ଼ଃ ପ୍ରଭାସ ସିଂଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ମୋଟ ୧୦ ଜଣ ୧୪ ରୁ ୧୫ ବର୍ଷ ବୟସ କିଶୋରୀ ମାନଙ୍କୁ ଗର୍ଭାଶୟ କର୍କଟରୁ ସୁରକ୍ଷିତ କରିବା ନିମନ୍ତେ ଟୀକାକରଣ କରାଯାଇଥିଲା। ସପ୍ତାହ ର ପ୍ରତ୍ୟେକ ଗୁରବାର ଦିନ ହଦଗଡ ମେଡିକାଲ ଓ ମୁଗୁପୁର ପି ଏଚ ସି , ସୋମବାର, ମଙ୍ଗଳବାର ସୋସୋ ପି ଏଚ ସି ରେ ଏବଂ ସପ୍ତାହ ର ସବୁ ଦିନ ଶାଳନିଆ ଓ ହାଟଡିହି ମେଡିକାଲ ରେ ଦିଆଯାଉଛି ବୋଲି ବି ପି ଏମ ଚନ୍ଦନ କୁମାର ସାହୁ ଜଣାଇଛନ୍ତି। ଏହି ଟୀକା ସମ୍ପୂର୍ଣ୍ଣ ସୁରକ୍ଷିତ ଏହାର ସେହିପରି ଗୁରୁତର ପାର୍ଶ୍ୱପ୍ରତିକ୍ରିୟା ନାହିଁ ଏବଂ ଏହାକୁ ସମସ୍ତ କିଶୋରୀ ବାଳିକା ମାନେ ନେବା ପାଇଁ ସମସ୍ତ ଅଭିଭାବକ ମାନଙ୍କୁ ବରିଷ୍ଠ ସ୍ତ୍ରୀ ରୋଗ ବିଶେଷଜ୍ଞ ଡ଼ଃ ପ୍ରଭାତ ନାୟକ ଆହ୍ୱାନ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମ ରେ ନର୍ସିଂ ଅଫିସର ମାଳତୀ ମହାପାତ୍ର, ବିଶ୍ୱକଲ୍ୟାଣୀ ଦାସ ଟିକକରଣ କରିଥିବାବେଳେ ସ୍ୱାସ୍ଥ୍ୟକର୍ମୀ ଶୁଭସ୍ମିତା ପାତ୍ର ଓ ଦେବେନ୍ଦ୍ର ସାମଲ ସହଯୋଗ କରିଥିଲେ ।

## ତାଲା ଭାଙ୍ଗି ସୁନା ଗହଣା ସହିତ ଲକ୍ଷାଧିକ ଟଙ୍କା ଲୁଟ୍

**ବଣାଇ,୨୩।୫ :** ବଣାଇ ଥାନା ଅନ୍ତର୍ଗତ ଉପରପଡ଼ା ସ୍ଥିତ ଦେବବ୍ରତ ବିଶ୍ୱାଳ ସବୁ ଦିନ ଭଳି ଆଜି ମଧ୍ୟ ନିଜ ଅଟୋ ଗାଡ଼ି ଚଳାଇବାକୁ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ନିକଟସ୍ଥ ଗୌରୀ ନର୍ସିଂ କଲେଜ ରେ କର୍ଯ୍ୟ କରିବାକୁ ଯାଇଥିଲେ। କାମ ସାରି ଘରକୁ ୧୨,୩୦ ଘଟିକା ସମୟରେ ଫେରିଲା ବେଳକୁ ଘର ର ମୂଖ୍ୟ ଫାଟକ ର ତାଲା ଭାଙ୍ଗିବା ସହ ଘରେ ଆଲମାରୀ ରେ ଥିବା ନଗଦ ଟଙ୍କା ସହିତ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି କରି ନେଇଥିଲେ। ନିଜ



ପରିବାର ଲୋକଙ୍କୁ ଜଣାଇବା ସହ ତୁରନ୍ତ ବଣାଇ ପୋଲିସ କୁ ଖବର ଦେଇଥିଲେ। ବଣାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି। ସେହି ପରି ଟିକାୟତପାଲି ଥାନା ଅନ୍ତର୍ଗତ ବିଜାକୁଳି ଗ୍ରାମର ଜଣଙ୍କ ଘରୁ ମଧ୍ୟ ଦିନ ଦ୍ୱିପହରରେ ଟଙ୍କା ସହିତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହେଇଥିବା ଜଣାପଡିଛି। ଦେବବ୍ରତ ବିଶ୍ୱାଳ (ଗୁଲୁ) ଙ୍କ ଘରୁ ତାଲା ଭାଙ୍ଗି ସୁନା ଗହଣା ସମେତ ଲକ୍ଷାଧିକ ଟଙ୍କା ଲୁଟ। ପୋଲିସ ର ତଦନ୍ତ ଜାରୀ।

# ମହିଳା ବିଜେଡି ପକ୍ଷରୁ ନର୍ଲାରେ ନାରୀ ଅଧିକାର ଅଭିଯାନ




**ଭବାନୀପାଟଣା,୨୩।୫ :** ବିଜେପି ସରକାର ୩୩ ପ୍ରତିଶତ ମହିଳା ସଂରକ୍ଷଣ ଓ ନାରୀ ନିର୍ଯ୍ୟାତନା ନିୟନ୍ତ୍ରଣ କରିବାରେ ଅସମର୍ଥକୁ ପ୍ରତିବାଦ କରି ଆଜି ନର୍ଲାଠାରେ ମହିଳା ବିଜେଡ଼ି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାସହ ଏହା ଲାଗୁ କରିବା ନେଇ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ନର୍ଲା ବିଡିଓଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି। ଏଥିପାଇଁ ନର୍ଲା ଡାକ ବଙ୍ଗଳାରେ ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ନାରୀ ଅଧିକାର ଅଭିଯାନ ଅନୁଷ୍ଠିତ ହୋଇଥିଲା। ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୂଜନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ଦିଶାରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରାଜ୍ୟ ବିଜେପି ମୋହନ ସରକାରଙ୍କ ଅସଫଳତା ଉପରେ ଜୋର ବର୍ଷିଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ମହିଳା ସଭାପତି ସବିତା ପ୍ରଧାନ, ପୂର୍ବତନ ସଭାନେତ୍ରୀ ଲଳିତା ନାଏକ, ପୂର୍ବତନ ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ପ୍ରମୁଖ ମଞ୍ଚାସୀନ ରହି ସ୍ୱର୍ଗତ ବିଜୁ ପଟ୍ଟନାୟକ ମହିଳା ସଂରକ୍ଷଣ ନୀତି ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜେଡି ସୁପ୍ରିମୋ ପଞ୍ଚାୟତି ରାଜ ସ୍ତରରେ ୫୦ ପ୍ରତିଶତ ମହିଳା ସଂରକ୍ଷଣ କରିଥିଲେ। ହେଲେ ଅପାରଗ ମୋହନ ସରକାର ମହିଳାଙ୍କୁ ଅସମ୍ମାନ କରୁଥିବା ସେମାନଙ୍କ ବକ୍ତବ୍ୟରେ କହିଥିଲେ। ସଭା ପରେ ବିଜେଡି ମହିଳା ନେତ୍ରୀ ମାନେ ହାତରେ ବ୍ୟାନର ଓ ଲିଫଲେଟ ଧରି ବିଜେପି ସରକାର ବିରୁଦ୍ଧରେ ବିଭିନ୍ନ ନାରା ଦେଇ ଏକ ବିଶାଳ ଶୋଭାଯାତ୍ରାରେ ବ୍ଲକକୁ ଯାଇ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ। ଅନ୍ୟ ବରିଷ୍ଠ ନେତ୍ରୀ ମାନଙ୍କ ମଧ୍ୟରେ ନର୍ଲା ମହିଳା ବିଜେଡି ସଭାନେତ୍ରୀ ପ୍ରମିଳା ପଧାନ, ମ. ରାମପୁର ସଭାନେତ୍ରୀ ତୁଳସୀ ବିଶି, କର୍ଲାମୁଣ୍ଡ ରିତୁରାଣି ନାଗ, ଭିମକେଲା ସରପଞ୍ଚ ଜାନକୀ ଗଉଡ଼, ନର୍ଲାର ତିନିଜଣ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା, ଘୋଡାବନ୍ଧ ସରପଞ୍ଚ ରଶ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁବନେତା ଗୋବିନ୍ଦ ତାଣ୍ଡି ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନର୍ଲା ସରପଞ୍ଚ ସଂଘ ସଭାପତି ଅନନ୍ତରାମ ମାଝୀ, ଘଣ୍ଟମାଳ ସରପଞ୍ଚ ଦେବେନ୍ଦ୍ର ସା, ବାଗପୁର ସରପଞ୍ଚ ଗୋପାଳ ହାତୀ, ରାକସୀ ସରପଞ୍ଚ ଯେମନ୍ତ ପୋଢ, ଯୁବନେତା ଜୟନ୍ତ ଗୌଡ, ଅର୍ଜୁନ ପଧାନ, ଘାସିରାମ ସାହୁ, ଟୁଟୁ ସେଠୀ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନୀଳମଣି ସାହୁ, ତହସିଲ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଷ୍ଟ୍ରିଟ୍ ଫୁଡ୍ ବ୍ୟବସାୟୀଙ୍କୁ ପ୍ରଶିକ୍ଷଣ ଓ ସଚେତନତା
## ପଞ୍ଜୀକରଣ କଲେ ୫ଶହରୁ ଅଧିକ ବ୍ୟବସାୟୀ



**ବାଲେଶ୍ୱର,୨୩।୫ :** ବାଲେଶ୍ୱର ପୌରପାଳିକା ଏବଂ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (FSSAI) ପୂର୍ବ ଆଞ୍ଚଳିକ କାର୍ଯ୍ୟାଳୟର ମିଳିତ ସହଯୋଗରେ ଗୁରୁବାର ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଷ୍ଟ୍ରିଟ୍ ଫୁଡ୍ ବ୍ୟବସାୟୀମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାସ୍ତା ପାର୍ଶ୍ୱରେ ଖାଦ୍ୟ ବିକ୍ରୟ କରୁଥିବା ବ୍ୟବସାୟୀମାନେ କିପରି ସ୍ୱଚ୍ଛତା ଓ ଖାଦ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେଇ ଖାଦ୍ୟ ପ୍ରସ୍ତୁତ ଓ ବିକ୍ରୟ କରିବେ, ସେନେଇ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଖାଦ୍ୟ ପ୍ରସ୍ତୁତି ସମୟରେ ସ୍ୱାସ୍ଥ୍ୟବିଧି ପାଳନ, ପରିଷ୍କାର ପରିବେଶ ରକ୍ଷା ଏବଂ ଗ୍ରାହକଙ୍କୁ ସୁରକ୍ଷିତ ଖାଦ୍ୟ ଯୋଗାଣ ଉପରେ ବିଶେଷ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କହିଥିଲେ ଯେ, ସୁରକ୍ଷିତ ଓ ସ୍ୱଚ୍ଛ ଖାଦ୍ୟ ସୁସ୍ଥ ସମାଜ ଗଠନ ପାଇଁ ଅତ୍ୟାବଶ୍ୟକ। ଷ୍ଟ୍ରିଟ୍ ଫୁଡ୍ ବ୍ୟବସାୟୀମାନେ ଆମ ଖାଦ୍ୟ ସଂସ୍କୃତିର ଏକ ଅବିଭାଜ୍ୟ ଅଂଶ ବୋଲି ସେ ମତ ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଉପସ୍ଥିତ ଥିବାବେଳେ ପୌର ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ ଓ ପୌରପାଳିକାର ନିର୍ବାହୀ ଅଧିକାରୀ ସିରିଏଲ୍ ଶୁଭ୍ର ପଟେଲ୍ ମଞ୍ଚାସୀନ ଥିଲେ।ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସହରର ୫ଶହରୁ ଅଧିକ ଷ୍ଟ୍ରିଟ୍ ଫୁଡ୍ ବ୍ୟବସାୟୀ ପଞ୍ଜୀକରଣ କରିଥିଲେ। ସମସ୍ତ ଅଂଶଗ୍ରାହୀଙ୍କୁ ଆପ୍ରୋନ, ହାତମୌଜା ଓ ହେଡ୍‌ଗିୟର ସମ୍ମିଳିତ ଫୁଡ୍ ସେଫ୍‌ଟି ହାଇଜିନ କିଟ୍ ବଣ୍ଟନ କରାଯାଇଥିଲା। ପ୍ରଶିକ୍ଷଣ ଶେଷରେ ଅଂଶଗ୍ରାହୀମାନଙ୍କୁ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଶେଷରେ ନିର୍ବାହୀ ଅଧିକାରୀ ଶ୍ରୀ ପଟେଲ୍ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପିଏମ୍ ସ୍ୱନିଧି ନୋଡାଲ୍ ଅଫିସର ସାବିତ୍ରୀ ମିଶ୍ରଙ୍କ ସହ ଶଶିକାନ୍ତ ଘଡ଼େଇ, ଚନ୍ଦ୍ରକାନ୍ତି ରାଉତ, ନିବେଦିତା ପାତ୍ର ଓ ବସନ୍ତ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ବିଜୁ ଜନତା ଦଳର 'ମହିଳା ଅଧିକାର ଅଭିଯାନ' ରାଲି

## ମହିଳାଙ୍କୁ ୩୩% ସଂରକ୍ଷଣ,ଅପରାଧ ନିୟନ୍ତ୍ରଣ ନେଇ ସ୍ମାରକ ପତ୍ର ପ୍ରଦାନ



**ଚିକିଟୀ,୨୩।୫ :** ମହିଳାଙ୍କୁ ଶତକଡା ୩୩% ସଂରକ୍ଷଣ ରଖିବା ସହ ମହିଳାଙ୍କ ଉପରେ ହେଉଥିବା ଅପରାଧ ନିୟନ୍ତ୍ରଣ ଦାବୀରେ ଚିକିଟୀ ବିଜେଡି ପକ୍ଷରୁ ଏକ ରାଲି ସହ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଚିକିଟୀ ବିଜେଡି ପକ୍ଷରୁ ପୂର୍ବତନ ମନ୍ତ୍ରୀ ଉଷା ଦେବୀଙ୍କ ନେତୃତ୍ୱରେ ହଜାର ହଜାର ମହିଳା ଙ୍କ ଗହଣ ରେ ରାଜ୍ୟ ଛାତ୍ର ବିଜେଡି ସଭାନେତ୍ରୀ ଇପିସ୍ମିତା ସାହୁ, ବିଧାୟକ ପ୍ରାର୍ଥୀ ଶ୍ରୀରୂପ ଦେଓ, ଆସିକା ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ଏନ୍ ?ଏସି ଅଧ୍ୟକ୍ଷା ଦିପା ସାହୁ, ବ୍ରହ୍ମପୁର ବିଜେଡି ନେତା ସୁବାଷ ମହାରଣା, ସଂଗଠକ ସୁରେନ୍ଦ୍ର ମଣ୍ଡଳ, ପାତ୍ରପୁର ବିଜେଡି ସଭାପତି ରାମନାଥ ପାଣିଗ୍ରାହୀ ଓ ବିଭିନ୍ନ ପଞ୍ଚାୟତ ଲୋକ ପ୍ରତିନିଧି ବିକ୍ଷୋଭପ୍ରଦର୍ଶନ ସହ ଚିକିଟି ତହସିଲଦାର ବିଶ୍ୱରଂଜନ କହରଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବି ପତ୍ର ପ୍ରଦାନ କରିଥିଲେ । ଦାବି ପ୍ରଦାନ ପୂର୍ବରୁ ଉପସ୍ଥିତ ନେତୃବୃନ୍ଦ ବର୍ତ୍ତମାନର ୫୪୩ ସଦସ୍ୟ ବିଶିଷ୍ଟ ଲୋକ ସଭାରେ ଶତକଡା ୩୩% ମହିଳା ସଂରକ୍ଷଣ ରଖିବା ସହ ବିଧାନସଭାରେ ମଧ ଅନୁରୂପ ସଂରକ୍ଷଣ ରଖିବା ଦାବି କରିଥିଲେ । ଶାସକ ଦଳ ଚକ୍ରାନ୍ତ କରି ମହିଳା ଆରକ୍ଷଣ ସହିତ ସୀମା ନିର୍ଦ୍ଧାରଣ ଭୂଲ ଭାବେ ଉପସ୍ଥାପନ କରୁଛନ୍ତି ବୋଲି ଦର୍ଶାଇ ଥିଲେ। ରାଜ୍ୟରେ ଦିନକୁ ଦିନ ମହିଳା ଅତ୍ୟାଚାର ବଢ଼ିବାରେ ଲାଗିଛି ଓ ସରକାର ଆଖିବୁଜି ରହୁଛନ୍ତି ଯାହା କି ଅପରାଧ ରେକର୍ଡ ବଢ଼ିଚାଲିଛି ବୋଲି କ୍ଷୋଭ ପ୍ରକାଶ କରିବା ସହ ଆଗାମୀ ଦିନରେ ଲୋକେ ରାଜରାସ୍ତାକୁ ଆସିବା ସହ ଅତ୍ୟାଚାରର ଜବାବ ଦେବେ ବୋଲି ପ୍ରକାଶ କରିଥିଲେ ।

# ସୁରଙ୍ଗୀ ବିଦ୍ୟୁତ୍ ଅଫିସ୍ ଘେରାଉ କଲେ ତାଳପଡା ଗ୍ରାମବାସୀ



**ପାତ୍ରପୁର,୨୩।୫ :** ଅଘୋଷିତ ବିଦ୍ୟୁତ କେନ୍ଦ୍ର କାଟ୍ ଓ ଏସ୍ ନୁଆଗାଁ ଗ୍ରାମର ଉପର ପଟରୁ ଯାଇଥିବା ୧୧ କେଭି ତାର ହଟାଇବା ଦାବିକୁ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ନିରବ ଦର୍ଶକ ସାଜିଥିଲା ବିଦ୍ୟୁତ ବିଭାଗ। ତେଣୁ ଏପରି ଚରମ ପଦକ୍ଷେପ ନେବାକୁ ବାଧ ହୋଇ ସୁରଙ୍ଗୀ ବିଦ୍ୟୁତ୍ ଅଫିସରେ ଗ୍ରାମବାସୀ ତାଲା ପକାଇଥିବା କହିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ ପାତ୍ରପୁର ବ୍ଲକ ଅନ୍ତର୍ଗତ ତାଳପଡା ଓ ଆଖପାଖ ଅଞ୍ଚଳର ଦୁଇ ଶହରୁ ଉର୍ଦ୍ଧ୍ୱ ଗ୍ରାମବାସି ଏକତ୍ରିତ ହୋଇ ସୁରଙ୍ଗି ବିଦ୍ୟୁତ କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିବା ସହିତ ରାସ୍ତା ଅବରୋଧ କରି ସେଠାରେ ରନ୍ଧାବଢ଼ା କରିଥିବା ଦେଖିବାକୁ ମିଳିଛି । ବିଦ୍ୟୁତ୍ କାର୍ଯ୍ୟାଳୟ କର୍ମଚାରୀଙ୍କୁ ବାହାରକୁ କାଢ଼ି ଳ କାର୍ଯ୍ୟାଳୟରେ ତାଲା ପକାଇ ରାସ୍ତାରୋକ କରି ପ୍ରତିବାଦ କରୁଥିବା ଖବର ପାଇ ଘଟଣା ସ୍ଥଳରେ ଖାରିଆଗୁଡା ଫାଣ୍ଡି ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝାଇବା ପରେ ଲୋକମାନେ ରାସ୍ତାରୁ ହଟିଥିଲେ। ଏଥି ସହିତ ବିଦ୍ୟୁତ ବିଭାଗର ଚିକିଟୀ ସେକ୍ସନ ଏସଡିଓ ଓ ସୁରଙ୍ଗି ଜେଇ ମଧ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରି ଲୋକଙ୍କୁ ବୁଝାସୁଝା କରିଥିବା ବେଳେ ଗ୍ରାମବାସୀ ଲିଖିତ ପ୍ରତିଶ୍ରୁତି ପାଇଁ ଜିଦ ଧରି ବସିଥିଲେ। ପରବର୍ତ୍ତୀ ସମୟରେ ଏସଡିଓ ହସ୍ତକ୍ଷେପ କରି ଏସ ନୁଆଗାଁ ଗ୍ରାମ ଦେଇ ଯାଇଥିବା ୧୧ କେଭି ତାର ସ୍ଥାନାନ୍ତର ପାଇଁ ଜିଲ୍ଲାପାଳଙ୍କ ତରଫରୁ ଟଙ୍କା ମଞ୍ଜୁର କରିଥିବା ଚିଠି ଦେଖାଇବା ସହିତ ଅଘୋଷିତ ବିଦ୍ୟୁତ କାଟ ବନ୍ଦ ହବ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଲୋକେ ଶାନ୍ତ ହୋଇ ପ୍ରତିବାଦରୁ ଘଟିଥିବା ଜଣାପଡ଼ିଛି। ଏନେଇ ଚିକିଟୀ ଏସବିଓଙ୍କ ସହିତ ଯୋଗାଯୋଗ କରିବାରୁ ଅଘୋଷିତ ବିଦ୍ୟୁତ କଟ ନାହିଁ। କେବଳ ଜରୁରୀକାଳିନ ପରିସ୍ଥିତି ବେଳେ ବିଦ୍ୟୁତ ସରବରାହ ବନ୍ଦ ରହୁଛି। ଏଥି ସହିତ ତାଙ୍କର ବହୁ ଦିନ ଧରି ଏସ ନୁଆଗାଁ ଗ୍ରାମର ୧୧ କେବ ତାର ସ୍ଥାନାନ୍ତର ଦାବି ରହିଛି। ତାହା ଉପରେ ଉଚ୍ଚ ପଦାଧିକାରୀଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି। ବାରମ୍ବାର ଗୁହାରି ସତ୍ତ୍ୱେ ପ୍ରଶାସନ ନ ଶୁଣିବାରୁ ଏଭଳି ଚରମ ପଦକ୍ଷେପ ନେଲୁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ବିପୁଳ ପରିମାଣର ଗଞ୍ଜେଇ ଜବତ, ୨ ଗିରଫ



**ବାଲେଶ୍ୱର,୨୩।୫ :** ବାଲେଶ୍ୱର ଅବକାରୀ ବିଭାଗ ପକ୍ଷରୁ ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯିବା ସହିତ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।ବାଲେଶ୍ୱର ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଓ ଭ୍ରାମ୍ୟମାଣ ସ୍କ୍ୱାର୍ଡ ନିରୀକ୍ଷକ ହରିହର ସିଂଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସଦର-୨ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଭବେଶ ଦାସ, ଏ.ପି.ଆର୍ ଫୋର୍ସ ଓ ଅବକାରୀ କର୍ମଚାରୀମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ସଦର ଥାନା ଅନ୍ତର୍ଗତ କୁରୁଡ଼ା ବଜାର ଓ ଖନ୍ତାପଡ଼ା ଥାନା ଅନ୍ତର୍ଗତ ଶେରଗଡ଼ ଅଞ୍ଚଳରେ ଚଢ଼ାଉ କରିଥିଲେ ।ଚଢ଼ାଉ ସମୟରେ ମୋଟ ୨୫ କେଜି ଗଞ୍ଜେଇ ଜବତ କରାଯାଇଥିବାବେଳେ ଏଥିରେ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ଚନ୍ଦନଗର ଅଞ୍ଚଳର ସୁରଜିତ ପାଲ ଓ ଜଗତସିଂହପୁର ଜିଲ୍ଲା ଗଡ଼ହରିଶପୁର ଗ୍ରାମର ଜଗନ୍ନାଥ ପଣ୍ଡା ।ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ ଲକ୍ଷ ୫୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି ।ଏହି ଚଢ଼ାଉରେ ସହ ଉପ-ନିରୀକ୍ଷକ ଲମ୍ବୋଦର ମହନ୍ତଙ୍କ ସହ କନେଷ୍ଟବଳ ସେକ କରିମ, ସୁବୀରକାନ୍ତ ବେହେରା, ପଙ୍କଜ ମହାନ୍ତି, ନହାନ ମୁର୍ମୁ ଓ ସୁନାରାମ ସୋରେନ ପ୍ରମୁଖ ସାମିଲ ଥିଲେ ।ଏନେଇ ଭ୍ରାମ୍ୟମାଣ ସ୍କ୍ୱାର୍ଡ ଓ ସଦର ଅବକାରୀ ଥାନା ପକ୍ଷରୁ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରାଯାଇଛି ।

## ତ୍ରିକୋଣ ପ୍ରେମରୁ ରକ୍ତପାତ

# ପ୍ରେମିକାଙ୍କ ମାଆ ଓ ମାମୁଁଙ୍କୁ ହାଣିଲା ପୂର୍ବତନ ପ୍ରେମିକ, ଅଭିଯୁକ୍ତ ଗିରଫ



**ବାଲେଶ୍ୱର, ୨୩।୫ :** ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ର କରି ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଞ୍ଚଳରେ ଘଟିଛି ଏକ ଚଞ୍ଚଳକର ରକ୍ତପାତ। ପ୍ରେମ ସମ୍ପର୍କିତ ବିବାଦର ଆପୋଷ ବୁଝାମଣା ବେଳେ ଜଣେ ଯୁବକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ପ୍ରେମିକାଙ୍କ ମାଆ ଓ ମାମୁଁଙ୍କୁ ଗୁରୁତର ଆହତ କରିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ବିଷ୍ଣୁପ୍ରିୟା ନନ୍ଦୀଙ୍କ ସହ ଯତୀନ ପ୍ରଧାନଙ୍କ ପୂର୍ବରୁ ପ୍ରେମ ସମ୍ପର୍କ ଥିଲା। ପରେ ବିଷ୍ଣୁପ୍ରିୟା ମଠସାହି ଅଞ୍ଚଳର ତନବିର ଲେଙ୍କାଙ୍କ ସହ ସମ୍ପର୍କରେ ରହୁଥିବାରୁ ଯତୀନ ବାରମ୍ବାର ତାଙ୍କୁ ହଇରାଣ ଓ ଧମକ ଦେଉଥିବା ଅଭିଯୋଗ ହୋଇଥିଲା। ଏହାର ସମାଧାନ ପାଇଁ ଗତକାଲି ବିଳମ୍ବିତ ରାତିରେ ଷ୍ଟେସନ ପରିସରର ଏକ ନିଛାଟିଆ ସ୍ଥାନରେ ଆଲୋଚନା ପାଇଁ ଡାକାଯାଇଥିଲା। ବିଷ୍ଣୁପ୍ରିୟା ନିଜ ସୁରକ୍ଷା ଦୃଷ୍ଟିରୁ ନିଜ ମାଆ ଓ ମାମୁଁଙ୍କୁ ସାଙ୍ଗରେ ନେଇ ସେଠାକୁ ପହଞ୍ଚିଥିଲେ। ଆଲୋଚନା ବେଳେ କଥା କଟାକଟି ହେବା ପରେ ଯତୀନ ପୂର୍ବରୁ ଲୁଚାଇ ଆଣିଥିବା ଧାରୁଆ ଅସ୍ତ୍ରରେ ଉଭୟଙ୍କ ଉପରେ ଆକ୍ରମଣ କରିଥିଲା। ରାସ୍ତା ମଝିରେ ଗୋଡ଼ାଇ ଗୋଡ଼ାଇ ହାଣିବାରୁ ଉଭୟ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ ।ସ୍ଥାନୀୟ ଲୋକେ ତୁରନ୍ତ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣା ପରେ ଅଭିଯୁକ୍ତ ଯତୀନ ପ୍ରଧାନ ଫେରାର ହେବାକୁ ଉଦ୍ୟମ କରିଥିଲେ ମଧ୍ୟ ଗାଡ଼ିରେ ପେଟ୍ରୋଲ ସରିଯିବାରୁ ପୋଲିସ ତାଙ୍କୁ କାବୁ କରିଥିଲା। ସହଦେବଖୁଣ୍ଟା ଥାନା ପୋଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## ସେନା ହେବାକୁ ଆସି ଶବ ହୋଇ ଫେରିଲେ

# ପୋଖରୀରେ ବୁଡି ସେନା ପ୍ରଶିକ୍ଷଣ ନେଉଥିବା ଛାତ୍ରଙ୍କ ମୃତ୍ୟୁ



**ବାଲେଶ୍ୱର,୨୩।୫ :** ସେନାରେ ଭର୍ତ୍ତି ହେବାର ସ୍ୱପ୍ନ ନେଇ ପ୍ରଶିକ୍ଷଣ ନେଉଥିବା ଜଣେ ଯୁବକଙ୍କର ପୋଖରୀରେ ବୁଡି ମୃତ୍ୟୁ ଘଟିଥିବା ଘଟଣା ବାଲେଶ୍ୱର ଜିଲ୍ଲାର ସୋର ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ମୃତ ଯୁବକ ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳର ଭୋଳାନାଥ ଓଝା ବୋଲି ଜଣାପଡିଛି ।ସୂଚନା ଅନୁସାରେ, ଭୋଳାନାଥ ସୋର କଲେଜ ଛକ ନିକଟରେ ଥିବା ଏକ ଘରୋଇ ସେନା ପ୍ରଶିକ୍ଷଣ କେନ୍ଦ୍ର 'ସୈନିକ ଏକାଡେମୀ'ରେ ନାଁ ଲେଖାଇ ସେନାରେ ଯୋଗଦେବା ପାଇଁ ପ୍ରସ୍ତୁତି ନେଉଥିଲେ। ଆଜି ମଧ୍ୟାହ୍ନ ସମୟରେ ସେ ପହଁରିବା ଶିଖିବା ପାଇଁ ନିକଟସ୍ଥ ଏକ ପୋଖରୀକୁ ଯାଇଥିବା ବେଳେ ଅସାବଧାନତାବଶତଃ ପାଣିରେ ବୁଡିଯାଇଥିଲେ ।ଘଟଣା ସମ୍ପର୍କରେ ଖବର ପାଇ ସୋର ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ପ୍ରାୟ ଏକ ଘଣ୍ଟା ଧରି ଖୋଜାଖୋଜି କରିଥିଲେ। ପରେ ପୋଖରୀରୁ ଭୋଳାନାଥଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଏହି ଦୁଃଖଦ ଘଟଣା ପରେ ପରିବାର ଓ ପ୍ରଶିକ୍ଷଣ କେନ୍ଦ୍ରରେ ଶୋକର ପରିବେଶ ସୃଷ୍ଟି ହୋଇଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ଆଶ୍ୱସ୍ତି

# ଜଳେଶ୍ୱର ନିର୍ବାଚନୀ ମକଦ୍ଦମା ଖାରଜ କଲେ ହାଇକୋର୍ଟ



**ବାଲେଶ୍ୱର,୨୩।୫ :** ଓଡ଼ିଶା ହାଇକୋର୍ଟରୁ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଜଳେଶ୍ୱର ବିଧାନସଭା ନିର୍ବାଚନକୁ ନେଇ ଦାୟର ହୋଇଥିବା ନିର୍ବାଚନୀ ମକଦ୍ଦମାକୁ ହାଇକୋର୍ଟ ଖାରଜ କରିଛନ୍ତି। ୨୦୨୪ ବିଧାନସଭା ନିର୍ବାଚନରେ ଜଳେଶ୍ୱର ଆସନରୁ ବିଜେଡି ପ୍ରାର୍ଥୀ ଭାବେ ବିଜୟୀ ହୋଇଥିବା ଅଶ୍ୱିନୀ କୁମାର ପାତ୍ରଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ଦାବିରେ ପରାଜିତ ବିଜେପି ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ହାଇକୋର୍ଟରେ ନିର୍ବାଚନୀ ଆବେଦନ ଦାୟର କରିଥିଲେ। ଏହି ମାମଲାର ଶୁଣାଣି ଗତ ଏପ୍ରିଲ ୧୫ ତାରିଖରେ ଶେଷ ହୋଇଥିବା ବେଳେ ରାୟ ସଂରକ୍ଷିତ ରହିଥିଲା ।ଶୁକ୍ରବାର ନ୍ୟାୟମୂର୍ତ୍ତି ଶଶିକାନ୍ତ ମିଶ୍ରଙ୍କ ଖଣ୍ଡପୀଠ ରାୟ ପ୍ରକାଶ କରି ଆବେଦନକୁ ଖାରଜ କରିଛନ୍ତି। ସେହିସହିତ ଏହି ରାୟ ସମ୍ପର୍କରେ ନିର୍ବାଚନ କମିସନ ଓ ଓଡ଼ିଶା ବିଧାନସଭାର ବାଚସ୍ପତିଙ୍କୁ ଅବଗତ କରାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।ଆବେଦନକାରୀ ବ୍ରଜମୋହନ ପ୍ରଧାନ ତାଙ୍କ ଆବେଦନରେ ଅଭିଯୋଗ କରିଥିଲେ ଯେ, ନିର୍ବାଚନ କମିସନଙ୍କ ନିର୍ଦ୍ଦେଶାବଳୀ ଓ ଜନପ୍ରତିନିଧି ଆଇନର ବ୍ୟବସ୍ଥାକୁ ଉଲଂଘନ କରି ଅଶ୍ୱିନୀ ପାତ୍ର ଜଳେଶ୍ୱର ପଞ୍ଚାୟତ ସମିତି ଅଧକ୍ଷ ମାନସ ଜେନାଙ୍କୁ ଇଲେକ୍ସନ ଏଜେଣ୍ଟ ଓ କାଉଣ୍ଟିଂ ଏଜେଣ୍ଟ ଭାବେ ନିଯୁକ୍ତ କରିଥିଲେ। ଏହି କାରଣରୁ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରି ପୁନଃ ନିର୍ବାଚନ ପାଇଁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଥିଲା ।ଗତ ୨୦୨୪ ଅଗଷ୍ଟ ୫ ତାରିଖରେ ହାଇକୋର୍ଟ ଏହି ନିର୍ବାଚନୀ ମକଦ୍ଦମାକୁ ବିଚାର ପାଇଁ ଗ୍ରହଣ କରି ବିଧାୟକ ଅଶ୍ୱିନୀ ପାତ୍ରଙ୍କୁ ନୋଟିସ ଜାରି କରିଥିଲେ। ମାମଲାର ଶୁଣାଣି ସମୟରେ ଆବେଦନକାରୀ ବ୍ରଜମୋହନ ପ୍ରଧାନ, ବିଧାୟକ ଅଶ୍ୱିନୀ ପାତ୍ର ଓ ମାନସ ଜେନାଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା ।ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ଜଳେଶ୍ୱର ବିଧାନସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ୮୩,୧୦୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ବିଜେପି ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ୮୨,୭୮୬ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ବିଧାୟକ ଅଶ୍ୱିନୀ ପାତ୍ରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ଆଇନଜୀବୀ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଥିଲେ।

# ଧର୍ମାନ୍ତରୀକରଣ ସନ୍ଦେହରେ ହୋଟେଲରେ ଉତ୍ତେଜନା



**ବାଲେଶ୍ୱର,୨୩।୫ :** ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ବସଷ୍ଟାଣ୍ଡ ନିକଟସ୍ଥ ଏକ ହୋଟେଲରେ ଧର୍ମାନ୍ତରୀକରଣ ସନ୍ଦେହକୁ କେନ୍ଦ୍ର କରି ଉତ୍ତେଜନା ଦେଖାଦେଇଛି। ଶୁକ୍ରବାର ସନ୍ଧ୍ୟାରେ ହୋଟେଲର ଏକ କକ୍ଷରେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ପ୍ରାୟ ୨୫ରୁ ଅଧିକ ଲୋକ ଏକତ୍ରିତ ହୋଇ ବୈଠକ କରୁଥିବା ସୂଚନା ମିଳିଥିଲା ।ବିଶେଷ ସୂତ୍ରରୁ ଖବର ପାଇ ବାଲେଶ୍ୱର ବଜରଙ୍ଗ ଦଳର ୧୦ରୁ ଅଧିକ କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି ବୈଠକ ସମ୍ପର୍କରେ ପଚରାଉଚରା କରିଥିଲେ। ଏହି ସମୟରେ କିଛି ସମୟ ପାଇଁ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି। ବୈଠକରେ ଉପସ୍ଥିତ ଲୋକମାନେ ଭିନ୍ନ ସମ୍ପ୍ରଦାୟର ହୋଇଥିବା ବେଳେ, ସେମାନଙ୍କ ପକ୍ଷରୁ ମିଳିଥିବା ଉତ୍ତରରେ ବଜରଙ୍ଗ ଦଳ କର୍ମୀମାନେ ସନ୍ତୁଷ୍ଟ ହୋଇନଥିବା କୁହାଯାଇଛି ।ଏହାସହ ବିଭିନ୍ନ ସ୍ଥାନରେ ବୈଠକ ନାମରେ ଧର୍ମାନ୍ତରୀକରଣ କାର୍ଯ୍ୟ ଚାଲୁଥିବା ଅଭିଯୋଗ କରି ବଜରଙ୍ଗ ଦଳ କର୍ମୀମାନେ ହୋଟେଲ ବାହାରେ ବୈଠକ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ।ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଚର୍ଚ୍ଚାର ପରିବେଶ ସୃଷ୍ଟି ହୋଇଥିଲା।

## ବୁଢ଼ିଯାଉଥିବା ଓଡ଼ିଆ ପରମ୍ପରାକୁ ନୂଆ ଜୀବନ

# ମା' ଧାକୁଲେଇ ରଜ ମହୋତ୍ସବ ପାଇଁ ଜୋରଦାର ପ୍ରସ୍ତୁତି



**ଫୁଲନଖରା,୨୩।୫ :** କଟକ ମହାନଗର ନିଗମର ୫୮ ନମ୍ବର ୱାର୍ଡ ଅନ୍ତର୍ଗତ ପ୍ରତାପନଗରୀ ସ୍ଥିତ ପ୍ରସିଦ୍ଧ ମା ଧାକୁଲେଇ ପୀଠ ପ୍ରାଙ୍ଗଣରେ "ମା ଧାକୁଲେଇ ରଜ ମହୋତ୍ସବ-୨୦୨୬" ପାଇଁ ଏକ ବିସ୍ତୃତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚଳିତ ବର୍ଷର ରଜ ମହୋତ୍ସବକୁ ଅଧିକ ସୁସଂଗଠିତ, ଆକର୍ଷଣୀୟ ଓ ସୁରକ୍ଷିତ ଭାବେ ପାଳନ କରିବା ନେଇ ଆଲୋଚନା ହୋଇଥିଲା। ବିଗତ ତିନି ବର୍ଷ ଧରି ପ୍ରତାପନଗରୀ ଗ୍ରାମବାସୀ ଓ ମା ଧାକୁଲେଇ ଯୁବକ ସଂଘର ମିଳିତ ସହଯୋଗରେ ଏହି ରଜ ମହୋତ୍ସବ ଆୟୋଜିତ ହୋଇ ଆସୁଥିବାବେଳେ, ବୁଢ଼ିଯାଉଥିବା ଓଡ଼ିଆ ପରମ୍ପରା ଓ ସଂସ୍କୃତିକୁ ପୁନର୍ଜୀବିତ କରିବା ହେଉଛି ଏହାର ମୂଳ ଲକ୍ଷ୍ୟ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଆସନ୍ତା ଜୁନ ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଚାରିଦିନ ବ୍ୟାପୀ ମହୋତ୍ସବ ବହୁ ଆଡମ୍ବର ଓ ଉତ୍ସାହର ସହ ଅନୁଷ୍ଠିତ ହେବାକୁ ଯାଉଛି। ଚଳିତ ବର୍ଷ ମହୋତ୍ସବର ଅନ୍ୟତମ ଆକର୍ଷଣ ହେବ ୨୦୦ରୁ ଅଧିକ ଛୋଟ ଓ ବଡ଼ ଦୋଳି। ରଜ ଉତ୍ସବର ପାରମ୍ପରିକ ରୂପକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଦୋଳି , ଲୋକସଂସ୍କୃତି ଓ ଗ୍ରାମୀଣ ପରିବେଶକୁ ପ୍ରାଧାନ୍ୟ ଦିଆଯାଇଛି। ଏହି ମହୋତ୍ସବକୁ ଦେଖିବା ପାଇଁ କଟକ ସହର ସହ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ ଲୋକଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଗ୍ରାମର ପ୍ରାୟ ୧୦୦ ଯୁବକ ଓ ଯୁବତୀଙ୍କୁ ନେଇ ଏକ ସ୍ୱେଚ୍ଛାସେବୀ ଟିମ୍ ଗଠନ କରାଯାଇଥିବା ବେଳେ, କଟକ ସଦର ପୋଲିସ ପକ୍ଷରୁ ସମ୍ପୂର୍ଣ୍ଣ ସୁରକ୍ଷା ତଦାରଖ କରାଯିବ। ଏହାସହ ଅପ୍ରୀତିକର ପରିସ୍ଥିତିକୁ ମୁକାବିଲା କରିବା ପାଇଁ ସ୍ଥାନୀୟ ହସ୍ପିଟାଲ ସହଯୋଗରେ ଏକ ଆମ୍ବୁଲାନ୍ସ ଏବଂ ଓଡ଼ିଶା ଅଗ୍ନିଶମ ବାହିନୀର ଏକ ଫାୟାର ଟିମ ଜରୁରୀକାଳୀନ ସେବା ପାଇଁ ମୁତୟନ କରାଯିବ। ମହୋତ୍ସବରେ ଯୋଗଦେବାକୁ ଆସୁଥିବା ଶ୍ରଦ୍ଧାଳୁ ଓ ସାଧାରଣ ଲୋକଙ୍କ ପାଇଁ ଚାରିଦିନ ବ୍ୟାପୀ ନିଶୁଳ୍କ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା ମଧ କରାଯାଇଛି। ମହିଳା ଓ ଶିଶୁମାନଙ୍କ ପାଇଁ ଏଥର ବିଶେଷ ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜିତ ହେବ। ୭ ବର୍ଷର ଶିଶୁ କନ୍ୟାଠାରୁ ଆରମ୍ଭ କରି ସ୍କୁଲ, କଲେଜ ଛାତ୍ରୀ ଓ ଗୃହିଣୀମାନଙ୍କ ପାଇଁ ବିଭିନ୍ନ ପାରମ୍ପରିକ ଓ ସାହିତ୍ୟ-ସଂସ୍କୃତିମୂଳକ ପ୍ରତିଯୋଗିତା ହେବାକୁ ଯାଉଛି। ଏହି ପ୍ରତିଯୋଗିତାମାନଙ୍କ ମଧରେ ପୋଡ଼ ପିଠା ପ୍ରତିଯୋଗିତା, ପୁଚି ଖେଳ, ନୃତ୍ୟ ପ୍ରତିଯୋଗିତା, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ଗଣିତ କଷା, ମ୍ୟୁଜିକ ଚେୟାର, ବାସ୍କେଟ ବଲ, ଛୁଞ୍ଚି-ସୁତା, ମୁରୁଜ ପ୍ରତିଯୋଗିତା, ଆଳୁ-ଚାମଚ ଦୌଡ଼, ଦୌଡ଼ି ଡିଆ, ଶଙ୍ଖ ଫୁଙ୍କିବା ଓ ଦୋଳି ପ୍ରତିଯୋଗିତା ଆଦି ପ୍ରମୁଖ ରହିଛି। ଏହି ସମସ୍ତ କାର୍ଯ୍ୟକ୍ରମ ମାଧମରେ ନୂତନ ପିଢ଼ୀଙ୍କୁ ଓଡ଼ିଆ ପରମ୍ପରା ଓ ରଜ ଉତ୍ସବର ମୂଲ୍ୟବୋଧ ସହ ଯୋଡ଼ିବାକୁ ପ୍ରୟାସ କରାଯାଉଛି। ଏହି ପ୍ରସ୍ତୁତି ବୈଠକରେ ମା ଧାକୁଲେଇ ଯୁବକ ସଂଘର କର୍ମକର୍ତ୍ତା ବିକ୍ରମ ରାଉତ, ରଞ୍ଜିତ ସ୍ୱାଇଁ, ଶିବୁନ ସେନାପତି, ରୋହିତ ସ୍ୱାଇଁ, ଅରୁଣ ରାଉତ, ଝୁଲିଆ ଜେନା, ସୋମନାଥ ଜେନା, ସୁନୀଲ ରାଉତ, ବିକାଶ ଜେନା, ବିକି ରାଉତ, ସ୍ମିତିରଞ୍ଜନ ରାଉତ, ଅନିଲ ସ୍ୱାଇଁ, ଆଶିଷ ଜେନା, ଦେବବ୍ରତ ଜେନା, ପୂର୍ଣ୍ଣ ଜେନା, ସତ୍ୟଜିତ ଜେନା, ପିଣ୍ଟୁ ଜେନା, ମିଳନ ସ୍ୱାଇଁ, ଶ୍ରୀଧର ଦାସ, ନରେନ୍ଦ୍ର ରାଉତ, ମିହିର ରାଉତ, ଜିତେନ୍ଦ୍ରିତ ବେହେରା, ସନ୍ତୋଷ ସାହୁ, ବିକାଶ ବେହେରା, ମନୋଜ ପଣ୍ଡା ଓ ମାନସ ବେହେରା ପ୍ରମୁଖ ସହଯୋଗ କରୁଥିବାବେଳେ, ମାଆ ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ପ୍ରମୋଦ ସ୍ୱାଇଁ ଏବଂ ସହ-ସମ୍ପାଦକ ବାଦଲ ଜେନା ବୈଠକର ପରିଚାଳନା କରିଥିଲେ। ସମଗ୍ର ପ୍ରତାପନଗରୀ ଅଞ୍ଚଳରେ ଏବେଠାରୁ ରଜ ମହୋତ୍ସବକୁ ନେଇ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିବାବେଳେ, ଏହି ଆୟୋଜନ ଚଳିତ ବର୍ଷ ଓଡ଼ିଆ ପରମ୍ପରା, ସଂସ୍କୃତି ଓ ଗ୍ରାମୀଣ ଐତିହ୍ୟର ଏକ ବିରଳ ନିଦର୍ଶନ ସାବ୍ୟସ୍ତ ହେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati    Executive Editor : Satyajit Mohapatra    Managing Editor : Jitendra Ku. Pati